୬ ଖେଳାଳିଙ୍କୁ ୫ବର୍ଷ ପାଇଁ କରାଗଲା ବ୍ୟାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୯୯ ● ୧୭ ଅଗଷ୍ଟ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-199 ● 17th August 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ୭୯ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଅଭିବାଦନ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

# ବିକାଶ ଯାତ୍ରାରେ ସାମିଲ ହୋଇଛି ଓଡ଼ିଶା

**ଭୁବନେଶ୍ୱର, ୧୬।୮**
**ନ୍ୟୁଜ୍ ବ୍ୟୁରୋ**



୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥି ରୂପେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୁଲିସ ଡିଜି ୱାଇ ବି ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ଓ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଜନତା ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଆଜିର ଦିନ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ କେବଳ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ । ଆଜିର ଦିନ ଆମକୁ କଷ୍ଟଲବ୍ଧ ସ୍ୱାଧୀନତା ବିଷୟରେ ସଚେତନ କରିବା ସହିତ ଦେଶର ଏକତା ଓ ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ବଜାୟ ରଖିବା ପାଇଁ ପ୍ରତି ମୂହୁର୍ତ୍ତରେ ସ୍ମରଣ କରାଇ ଥାଏ । ଆତଙ୍କବାଦ ବିରୁଦ୍ଧରେ ଦେଶର ନୀତି ଆହୁରି ଦୃଢ ଓ କଠୋର ହୋଇଛି । ଗତ ଏପ୍ରିଲ ୨୨ ତାରିଖର ପହଲଗାମଠାରେ ଯେପରି ଭାବେ ନିରୀହ ଲୋକଙ୍କୁ ଧର୍ମ ପଚାରି ବର୍ବୋରୋଚିତ ଭାବେ ହତ୍ୟା କରାଗଲା, ତାହା କେବଳ ଏକ ସାଧାରଣ ଆତଙ୍କବାଦୀ ଆକ୍ରମଣ ନ ଥିଲା, ଏହା ଭାରତର ଜାତୀୟତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଆକ୍ରମଣ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ସେନା 'ଅପରେସନ ସିନ୍ଦୁର' ଜରିଆରେ ତା'ର ଉପଯୁକ୍ତ ଜବାବ୍ ଦେଇଥିଲା । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱକୁ ସମ୍ମାନ ଜଣାଇବା ସହିତ ମୁଖ୍ୟମନ୍ତ୍ରୀ ଭାରତୀୟ ସେନା ବାହିନୀର ବୀରତ୍ୱକୁ ପ୍ରଶଂସା କରିଥିଲେ ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଗତ ଚଉଦ ମାସ ହେବ ଓଡିଶା ବିକାଶର ଏକ ନୂଆ ଯାତ୍ରାରେ ସାମିଲ ହୋଇଛି । ମହିଳା, ଅନ୍ନଦାତା, ଗରିବ ଏବଂ ଯୁବବର୍ଗଙ୍କ ସହଯୋଗରେ ଏହାର ସଫଳ ରୂପାୟନ ପାଇଁ ସରକାର ଜୀବନଜୀବିକା, ଭିତ୍ତିଭୂମି, ସାମାଜିକ ବିକାଶ ଓ ସଶକ୍ତି କରଣ ଏବଂ ଓଡିଆ ଅସ୍ମିତା ଉପରେ ପ୍ରାଧାନ୍ୟ ଦେଉଛନ୍ତି । କୃଷି ଉଦ୍ୟୋଗ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଏକ କୋଟି ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆ ଯାଉଛି । ଜୀବନଜୀବିକାର ଆଉ ଏକ ଦିଗ ହେଉଛି *(ପୃଷ୍ଠା ୭ରେ)*

# ଜମ୍ମୁ-କଶ୍ମୀରରେ ବାଦଲଫଟା ବର୍ଷା : ୬୫ ମୃତ

**ଶ୍ରୀନଗର, ୧୬।୮**



ଜମ୍ମୁ-କଶ୍ମୀରର କିସ୍ତୱାଡରେ ବାଦଲ ଫଟା ବର୍ଷା ପରେ ଏଯାଏଁ ପ୍ରାୟ ୬୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଉଦ୍ଧାର କରାଯାଇ ୧୧୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ରାତିରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ମଧ କିସ୍ତୱାଡ଼ରେ ପହଞ୍ଚିଥିଲେ। ଅବଦୁଲ୍ଲା କହିଛନ୍ତି ଯେ ନିଖୋଜ ଲୋକଙ୍କ ସଂଖ୍ୟା ଆକଳନ କରାଯାଉଛି। ଏହି ସମୟରେ କେନ୍ଦ୍ରୀୟ ମନ୍ତ୍ରୀ ଜିତେନ୍ଦ୍ର ସିଂହ ମଧ ବିଳମ୍ବିତ ରାତିରେ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

କିସ୍ତୱାଡରେ ବର୍ଷା ହେଉଥିବା କାରଣରୁ ଦଳକୁ ଉଦ୍ଧାର କାର୍ଯ୍ୟ କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଣିପାଗ ବିଭାଗ ମଧ ପାଗ ସମ୍ପର୍କରେ ସତର୍କ ସୂଚନା ଜାରି କରିଛି। କାମ ବିନା ଘରୁ ବାହାରକୁ ନ ଯିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି।

ଏସଡିଆରଏଫ୍ ଓ ଏନଡିଆରଏଫ୍ ସମେତ ସେନା ଯବାନଙ୍କୁ ଘଟଣାସ୍ଥଳକୁ ପଠାଯାଇଛି। ଧ୍ୱଂସସ୍ତୂପ ତଳେ ଅଧିକାଂଶ ପୋତି ହୋଇପଡିଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ କିସ୍ତୱାଡର ଚାସୋତି ଗ୍ରାମ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ମୃତାହତଙ୍କ ମଧ୍ୟରେ ଅଧିକାଂଶ ଶ୍ରଦ୍ଧାଳୁ ସାମିଲ ଥିବା କୁହାଯାଇଛି। ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବାରୁ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିବା କଷ୍ଟକର ହୋଇପଡୁଛି।

# ୨୮ ତାରିଖ : ନୂଆଁଖାଇ ଲଗ୍ନ ଧାର୍ଯ୍ୟ

**ସମ୍ବଲପୁର, ୧୬।୮**
**ନ୍ୟୁଜ୍ ବ୍ୟୁରୋ**



ପଶ୍ଚିମ ଓଡିଶାର ସର୍ବ ବୃହତ ଗଣପର୍ବ 'ନୂଆଁଖାଇ' ଆସନ୍ତା ୨୮ ତାରିଖ ଗୁରୁବାର ଦିନ ସର୍ବତ୍ର ପାଳନ ହେବ। ଚଳିତ ବର୍ଷର 'ନୂଆଁଖାଇ ବା ନବାନ୍ନ' ପାଳନ କରିବା ପାଇଁ ଶନିବାର ପବିତ୍ର ନନ୍ଦୋତ୍ସବ ତିଥିରେ ଅପରାହ୍ନ ୪ଟା ୩୦ରେ ସମ୍ବଲପୁରର ଝାଡୁଆପଡାସ୍ଥିତ ବ୍ରହ୍ମପୁରା ମନ୍ଦିରଠାରେ ପଣ୍ଡିତ ଓ ବିଦ୍ୱାନମାନେ ଶୁଭ ଲଗ୍ନ ନିର୍ଦ୍ଧାରଣ କରିଛନ୍ତି। ପରମ୍ପରା ଅନୁଯାୟୀ, ଜନ୍ମାଷ୍ଟମୀର ପରଦିନ ନନ୍ଦୋତ୍ସବରେ ନୂଆଁଖାଇ ଲଗ୍ନ ଧାର୍ଯ୍ୟ କରାଯାଇଥାଏ। ଏହା ପରେ ସେହି ଲଗ୍ନ ପତ୍ରକୁ ବ୍ରହ୍ମପୁରା ମନ୍ଦିର ପୂଜକ, ପଣ୍ଡିତ ଓ ଟ୍ରଷ୍ଟ ସଦସ୍ୟମାନେ ମାଁ ସମଲେଶ୍ୱରୀଙ୍କ ନିକଟରେ ଅର୍ପଣ କରିଛନ୍ତି।

ଚଳିତ ବର୍ଷର ଲଗ୍ନପତ୍ର ଅନୁଯାୟୀ, ପ୍ରଥମ ଉତ୍ପାଦିତ ଶସ୍ୟରୁ ନିର୍ମିତ ପିଠା ଓ ଖିରି ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କୁ 'ବୀର ବିକ୍ରମ ସମ୍ବତ ୨୦୮୨, ଶକାବ୍ଦ ୧୯୪୭, ସନ ୧୪୩୨, ଦିବ୍ୟସିଂହ ଦେବ ୬୮ ଅଙ୍କ, ଇଂରାଜୀ ତାରିଖ ୨୮ ଅଗଷ୍ଟ ୨୦୨୫ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଗୁରୁବାର ଦିବା ଘ.୧୦ଟା ୩୩ ମିନିଟରୁ ଘ.୧୦ଟା ୫୫ ମିନିଟ ମଧ୍ୟରେ ତୁଳା ଲଗ୍ନେ, ମୀନ ନବାଂଶେ' ନବାହ୍ନ ଭୋଗ ଲାଗି ହେବ। ଏହା ପରେ ପଶ୍ଚିମ ଓଡିଶାବାସୀ ନବାନ୍ନ ଭକ୍ଷଣ କରିବେ। ଟ୍ରଷ୍ଟ କମିଟି ତରଫରୁ ଆୟୋଜିତ ଏହି ଧାର୍ମିକ ବୈଠକରେ ପଣ୍ଡିତ ମହେଶ୍ୱର ନାୟକ, ଲକ୍ଷ୍ମଣ ବେହେରା, ସୁଧାଂଶୁ ଶେଖର ପାଣିଗ୍ରାହୀ, ଅକ୍ଷୟ ପୁରୋହିତ, ବଂଶୀଧର ଶତପଥୀ, ଗିରିଜାର ଶଙ୍କର ପଣ୍ଡା, ଝସକେତନ ହୋତା, ରବି ନାରାୟଣ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ପ୍ରଭାକର ତ୍ରିପାଠୀ, ଦାଶରଥି ପୁରୋହିତ, କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ, ରାକେଶ ମିଶ୍ର, ଚନ୍ଦ୍ର ପାଣିଗ୍ରାହୀ, ବୁଲୁ ପାଢ଼ୀ, ବିନୀତ ପାଣ୍ଡେ, ମନବୋଧ ପାଢ଼ୀ, ଉତ୍ତମ ରଥ ଓ ଜିତେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ମୁଖ୍ୟ ଖବର

- ବାଲେଶ୍ୱରରେ ୨ୟ ଶ୍ରେଣୀର ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗରେ ଜଣେ ପୁରୁଷ ଗିରଫ।
- କେନ୍ଦ୍ରାପଡା ଗାଁ କେନାଲରେ ବିଶାଳ କୁମ୍ଭୀର ଦେଖାଗଲା ।
- ବିଦ୍ୟାଳୟ ପ୍ରାଙ୍ଗଣ ପାଖରେ ବିଦ୍ୟୁତ୍ ଖୁଣ୍ଟ ପଡି ଜଣେ ଛାତ୍ରଙ୍କ ମୃତ୍ୟୁ।
- ଭୁବନେଶ୍ୱର ଥାର୍ ଦୁର୍ଘଟଣା : ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ।
- କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରକୁ ଡଜିଟାଲ ହବ ଭାବେ ବିକାଶ କରିବ ଓଡିଶା ।
- ସାତକୋଶିଆ ଜଙ୍ଗଲରେ ଏକ ହାତୀର ମୃତଦେହ ଉଦ୍ଧାର ।
- ହାଇଦ୍ରାବାଦ : ପିକ୍‌ଅପ୍-ଟ୍ରକର ମୁହାଁମୁହିଁ ଧକ୍କାରେ ୩ ଓଡିଆ ଶ୍ରମିକ ମୃତ ।
- ଓଡିଆ ମହିଳାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ତାମିଲନାଡୁର ଜଣେ ପୁରୁଷ ଗିରଫ ।
- କୋରାପୁଟ ଓ ମାଲକାନାଗିରିରେ ଭାରି ବର୍ଷାରେ ସାଧରଣ ଜୀବନ ବାଧାପ୍ରାପ୍ତ ।
- ଭୁବନେଶ୍ୱର-ଝାରସୁଗୁଡା ସିଧାସଳଖ ଫ୍ଲାଇଟ୍ ସେବା ଆରମ୍ଭ ।
- ୨୭ ଲକ୍ଷରୁ ଅଧିକ ଗରିବ ପରିବାର ପାଇଁ ୩ ମାସ ପର୍ଯ୍ୟନ୍ତ ପ୍ରତିମାସ ୫କିଗ୍ରା ଚାଉଳ ମିଳିବ।

# ଦେଶର ଇଲେକ୍ଟ୍ରୋନିକ୍ସ ରପ୍ତାନୀ ୪୭% ବୃଦ୍ଧି

**ନୂଆଦିଲ୍ଲୀ, ୧୬।୮**

ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକରେ ଦେଶର ଇଲେକ୍ଟ୍ରୋନିକ୍ସ ରପ୍ତାନୀରେ ୪୭%ର ତୀବ୍ର ବୃଦ୍ଧି ଘଟିଛି। ଏହା ବାର୍ଷିକ ଆଧାରରେ ୧୨.୪ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି।

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଶନିବାର 'ଏକ୍ସ' ପୋଷ୍ଟରେ ଜାରି ଏକ ବିବୃତିରେ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତର



ଇଲେକ୍ଟ୍ରୋନିକ୍ସ ରପ୍ତାନୀ ୪୭ ପ୍ରତିଶତ ବୃଦ୍ଧି ପାଇ ୧୨.୪ ବିଲିୟନ ଆମେରିକୀୟ ଡଲାରକୁ ବୃଦ୍ଧି ପାଇଛି। ଗୋୟଲ କହିଛନ୍ତି ଯେ ଏହା 'ମେକ୍ ଇନ୍'ର ଏକ ସୁନ୍ଦର ଉଦାହରଣ ଭାରତ। ଏହା ଏକ ସଫଳତାର କାହାଣୀ, ଯାହା ଆର୍ଥିକ ବର୍ଷ ୨୦୧୪-୧୫ରୁ ଆରମ୍ଭ କରି ଏକ ଦଶନ୍ଧି ମଧ୍ୟରେ ଆମର ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ୩୧ ବିଲିୟନ ଡଲାରରୁ ୧୩୩ ବିଲିୟନ ଡଲାରକୁ ଅଭୂତପୂର୍ବ ବୃଦ୍ଧି ପାଇଛି।

ବାଣିଜ୍ୟ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଆମ ସରକାର ଭାରତକୁ *(ପୃଷ୍ଠା ୭ରେ)*

# ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ




**କଟକ, ୧୬।୮ : ନ୍ୟୁଜ୍ ବ୍ୟୁରୋ**

ପ୍ରକାଶ ପାଇଛି ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ । ଚଳିତ ଥର ପାସ୍ ହାର ରହିଛି ୫୬.୨୩ ପ୍ରତିଶତ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ପାଇଁ ଚଳିତ ଥର ମୋଟ୍ ୩୪୫୭ଜଣ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ମୋଟ ୧୯୮୩ଜଣ ପାସ୍ କରିଛନ୍ତି । ସେହିପରି ଷ୍ଟେଟ୍ ଓପନଡ୍ ସ୍କୁଲ ସାର୍ଟିଫିକେଟରେ ୫୯୭୩ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ହାର ରହିଛି ୫୫.୨୬ ପ୍ରତିଶତ । ବୋର୍ଡ ସଭାପତିଙ୍କ ସୂଚନା ଅନୁସାରେ ବୋର୍ଡ ୱେବସାଇଟରେ ମାର୍କସିଟ୍ ଉପଲବ୍ଧ ଅଛି। ଛାତ୍ରଛାତ୍ରୀମାନେ ସେଥିରୁ ଡାଉନଲୋଡ କରି ନିଜ ନିଜର ମାର୍କସିଟ୍ ନେଇପାରିବେ ।

### ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଉତ୍ତମ ଗୁଣବତ୍ତା ପାଇଁ ସୁଦୃଢ 'ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା' କାର୍ଯ୍ୟକାରୀ ହେବ

**ଭୁବନେଶ୍ୱର, ୧୬।୮**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ପରାମର୍ଶ ଦେଇଥିଲେ।



ସୂଚନାଯୋଗ୍ୟ ଯେ, ରାଜ୍ୟରେ ବିଭିନ୍ନ ଯୋଜନାରେ ମୋଟ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧୀନରେ ଟେକ୍-ହୋମ୍-ରେସନ୍‌ରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି। ରାଜ୍ୟର ୫୪୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଛତୁଆ ଉତ୍ପାଦନ କରାଯାଇ ସେଗୁଡିକର ବଣ୍ଟନ କରାଯାଉଛି। ଅପପୁଷ୍ଟି ରୋକିବା ପାଇଁ ପରିପୂରକ ପୁଷ୍ଟି ଯୋଜନା, କିଶୋରୀ ବାଳିକାଙ୍କ ପୁଷ୍ଟି ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଆଦି ଯୋଜନା କାର୍ଯ୍ୟକାରୀ କରାଯାଉଛି।

ଛତୁଆର ପ୍ରସ୍ତୁତି ଠାରୁ ଆରମ୍ଭ କରି ପ୍ୟାକେଜିଂ, ବଣ୍ଟନ ପର୍ଯ୍ୟନ୍ତ ପୁରା ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆଣିବାର ଆବଶ୍ୟକତା ରହିଛି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଶିଶୁ ଓ ମହିଳା ମାନଙ୍କ ସ୍ୱାସ୍ଥ୍ୟ ରାଜ୍ୟର ବିକାଶ ପାଇଁ ସବୁଠାରୁ ଅଧିକ ଜରୁରୀ। ଏଥିରେ କୌଣସି ପରିସ୍ଥିତିରେ ଅଣଦେଖା କରି ହେବ ନାହିଁ। ତେଣୁ ଏହି ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଉତ୍ତମ ତଦାରଖ ଓ ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। *(ପୃଷ୍ଠା ୭ରେ)*

# ଓଡ଼ିଆ ସିଆଇଏସଏଫ୍ ଯବାନ ସହିଦ

**କାମାକ୍ଷାନଗର, ୧୬।୮**
**ନ୍ୟୁଜ୍ ବ୍ୟୁରୋ**

ଜମ୍ମୁ-କଶ୍ମୀରର କିସ୍ତୱାରଠାରେ ବାଦଲଫଟା ବର୍ଷାରେ ଓଡ଼ିଆ ସିଆଇଏସଏଫ ଯବାନ ସହିଦ ହୋଇଛନ୍ତି। ସହିଦ ଯବାନ ଜଣକ ପରଜଙ୍ଗ ଥାନା ମାଣିକମରା ଗ୍ରାମର ମନୋଜ ବିଶ୍ୱାଳ ବୋଲି ସୂଚନା ମିଳିଛି। ହଠାତ ବାଦଲଫଟା ବର୍ଷା ହେବା ଫଳରେ ଭୂସ୍ଖଳନ ହୋଇଥିବା ବେଳେ ଯବାନମାନେ ରହୁଥିବା କ୍ୟାମ୍ପ ସମ୍ପୂର୍ଣ ଭାବେ ନଷ୍ଟ ହୋଇଯାଇଥିଲା। ତେବେ ଏହାରି ଭିତରେ ମନୋଜଙ୍କ ସେଠାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି। ମନୋଜଙ୍କ ମୃତ୍ୟୁଖବର ଶନିବାର ପରିବାର ଲୋକ ପାଇଥିବା ବେଳେ ତାଙ୍କ ପୈତୃକ ଗ୍ରାମ ମାଣିକମରାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଏକାଳ ପଖାଳ



ଅଧାଗଢା ଜଗା ଭଲଲାଗେ
ଭଲ ଲାଗେ ନାହିଁ ଦଳ
ଫୁଲ, ଶଙ୍ଖ, ହାତ ସବୁ ଅଧା ଏବେ
ଫୁଟୁ ନାହିଁ ଫୁଲ ଫଳ
କାହିଁ ତୁଚ୍ଛା ହାତ ମଳ
ଆଗକୁ ଲଢିବା ପାଇଁ ବନ୍ଧ ବାନ୍ଧ
ପୁରାପୁରି କଷ ବଳ।

# ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ ହେବେ



**ଭୁବନେଶ୍ୱର, ୧୬।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଶନିବାର ଅପରାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷାକୁ ଅଧିକ ସୁଦୃଢ କରିବାପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୁଲ୍ୟରେ ଆୟୋଜିତ ଏହି ବୈଠକରେ ସଡକ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା ।

ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇ ଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ଏସପି ମାନେ ଏହି *(ପୃଷ୍ଠା ୭ରେ)*

# ଘୁଞ୍ଚିଲା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା

**କଟକ, ୧୬।୮**
**ନ୍ୟୁଜ୍ ବ୍ୟୁରୋ**

ସ୍ଥଗିତ ରହିଲା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା । ଆସନ୍ତା ୩୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖିଲା ମାଧ୍ୟମିକ ଶିକ୍ଷା ପରିଷଦ। ସାନି ପରୀକ୍ଷା ନେଇ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସୂଚନା ଦେଇଛି ବିଏସଇ। ସୂଚନାଥାଉକି, ଜୁଲାଇ ୨୦ରେ ଅନୁଷ୍ଠିତ ହେବାକୁ ଥିଲା ସ୍ୱତନ୍ତ୍ର ଓଟିଇଟି-୨୦୨୫। ହେଲେ ପରୀକ୍ଷାର ଠିକ ପୂର୍ବଦିନ ରାତିରେ ଅପ୍ରତ୍ୟାଶିତ ଭାବରେ ବାତିଲ କରାଯାଇଥିଲା । ଏଭଳି କରିବାର କାରଣ ଥିଲା ପ୍ରଶ୍ନପତ୍ର ଲିକ୍ ହେବା। ଏମିତିରେ ଏହି ଘଟଣାର ତଦନ୍ତ ଭାର ଯାଇଥିଲା କ୍ରାଇମବ୍ରାଞ୍ଚ ହାତକୁ। କ୍ରାଇମବ୍ରାଞ୍ଚ ତଦନ୍ତକ୍ରମେ ବୋର୍ଡର ଉପସଭାପତି ନିହାର ମହାନ୍ତି, ବୋର୍ଡ କାର୍ଯ୍ୟାଳୟରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ଜିତେନ୍ ମହାରଣା, ରାୟଗଡ଼ା ଜିଲ୍ଲାର ଏକ୍ସ କ୍ୟାଡ୍ର ଶିକ୍ଷକ ସଂଘ ସଭାପତି ବିଜୟ ମିଶ୍ରଙ୍କ ସମେତ ୮ ଜଣକୁ ଗିରଫ କରିଥିଲା। ବୁଧବାର ମଧ ଦୁଇ ଦିନିଆ ରିମାଣ୍ଡରେ ଆସିଥିବା ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାୟଗଡ଼ା ଜିଲ୍ଲାର ଏକ୍ସ କ୍ୟାଡ୍ର ଶିକ୍ଷକ ସଂଘ ସଭାପତି ବିଜୟ ମିଶ୍ରଙ୍କୁ କ୍ରାଇମ୍‌ବ୍ରାଞ୍ଚ୍ ବୁଧବାର ଚୌଦ୍ୱାର ଜେଲ୍‌ରେ ନେଇ ଛାଡ଼ିଛି ।





# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ପାଲିଟିଛି ମରଣଯନ୍ତା

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଯୋଗ କରୁଥିବା ରାସ୍ତା ପାଲିଟିଛି ମରଣଯନ୍ତା। ଡାକ୍ତରଖାନା ଆସୁଥିବା ଅନେକ ରୋଗୀମାନଙ୍କ ସହ ସାଧାରଣ ଲୋକେ ମଧ୍ୟ ହନ୍ତସନ୍ତ ହେବା ସହ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଶୋଚନୀୟ ରାସ୍ତା ହୋଇଥିବାରୁ ନିତିଦିନିଆ ଆମ୍ବୁଲାନ୍ସ ଯିବା ଆସିବାରେ ମଧ୍ୟ ଅସୁବିଧା ସମ୍ମୁଖୀନ ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରମହକୁମାରେ ଥିବା ଏକମାତ୍ର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ। ରାଜ୍ୟରାଜପଥ ମୁଖ୍ୟ ରାସ୍ତା ଠାରୁ ଲ୍ୟାମ୍ପ ସମ୍ମୁଖଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଉଥିବା ରାସ୍ତା ବହୁତ ଖରାପ ହୋଇଛି। ଲ୍ୟାମ୍ପ ସମ୍ମୁଖରେ କରାଯାଇଥିବା ସିମେଣ୍ଟ ରାସ୍ତାର ଛୋଟ ଛୋଟ ଗୋଡ଼ିଗୁଡ଼ିକ ବାହାରି ଯିବାରୁ ଲୁହା ଛଡ଼ଗୁଡିକ ବାହାରକୁ ଟେକି ହୋଇ ରହିଛି। ଯାହାଫଳରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଓ ନିକଟରେ ଥିବା ଆଦିବାସୀ ସାହି ଓ ଭୈରବୀ ସାହିକୁ ଯାତାୟାତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ରାତ୍ରିକାଳୀନ ଯାତାୟାତ କଲେ ଉକ୍ତ ଲୁହା ଛଡ଼ ବାଜି କିଛି ଲୋକ ଆହତ ହୋଇଥିବା ନଜରକୁ ଆସିଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରୋଗିବୁହା ଗାଡ଼ି, ବାଇକ୍ ଯାତାୟାତ କରୁଥିବା ବେଳେ ସିମେଣ୍ଟ ଗୋଦାମକୁ ମାଲ୍ ବୋଝେଇ ଟ୍ରକ୍ ଓ ଲ୍ୟାମ୍ପକୁ ମଧ୍ୟ ସାର ଓ ବିହନ ବୋଝେଇ ଟ୍ରକ୍ ଯାତାୟାତ କରି ଉକ୍ତ ରାସ୍ତାରେ ଗାତ ସୃଷ୍ଟି ହୋଇଛି। ସାମାନ୍ୟ ବର୍ଷା ହେଲେ ସେହି ସ୍ଥାନରେ ପାଣି ଜମା ହୋଇ ରହି ଯାଉଛି। ଯାହାଫଳରେ ଗାଡି ଓ ଲୋକମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ବର୍ତ୍ତମାନ ଲ୍ୟାମ୍ପକୁ ସାର୍ ଓ ବିହନ ଗାଡ଼ି ଆସି ଉକ୍ତ ରାସ୍ତାରେ ରଖି ଅନ୍‌ଲୋଡ୍ କରୁଥିବାରୁ ଯାତାୟାତରେ ଅସୁବିଧା ମଧ୍ୟ ହେଉଛି।



# ପିଇବା ପାଣି ପାଇଁ ଡହଳ ବିକଳ ଗମ୍ଭାରିଆ କେନ୍ଦୁଘୁଟୁ ସାହିବାସୀ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ନଳକୂପରେ କାଦୁଅ ପାଣି ବାହାରୁଥିବାରୁ ମୁନ୍ଦାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି ସାହିବାସୀ। ଏହା ସହିତ ବସୁଧା ଯୋଜନାରେ ଘରକୁ ଘର ସଂଯୋଗ ହୋଇଥିବା ପାଣି ପାଇପରେ ମଧ୍ୟ ସାତ ଆଠ ଦିନରେ ଥରେ ପାଣି ଆସୁଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାହିରେ ଥିବା ଏକମାତ୍ର ନଳକୂପରୁ କାଦୁଅ ପାଣି ବାହାରୁଥିବାରୁ ପିଇବା ପାଣି ସାହିବାସୀଙ୍କୁ ୩ ରୁ ୪ କିଲୋମିଟର ଯାଇ ସଂଗ୍ରହ କରିବାକୁ ପଡୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ୍ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ। ସୂଚନା ଅନୁଯାୟୀ, ଓଡ଼ିଶାର ଭାତ ହାଣ୍ଡି ବୋଲାଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ବଡ଼ନଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହି। ଏହି କେନ୍ଦୁଘୁଟୁ ସାହିରେ ତିରିଶରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ଥିବା ଏକ ମାତ୍ର ନଳକୂପ ହିଁ ତାଙ୍କର ସାହା ଭରସା। ମାତ୍ର ଉକ୍ତ ନଳକୂପଟି ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ତାହା ସାହି ବାସୀଙ୍କ କାମରେ ଲାଗି ପାରୁ ନଥିଲା। ଏବେ ଯଦିଓ ନଳକୂପଟି ମରାମତି କରାଯାଇଛି ସେଥିରୁ କାଦୁଅ ପାଣି ବାହାରୁ ଥିବାରୁ ଏହା ବ୍ୟବହାର ଯୋଗ୍ୟ ହୋଇ ନ ଥିଲେ ମଧ୍ୟ ସାହିବାସୀ ଅନ୍ୟ ଉପାୟ ନ ପାଇ ବାଧ ହୋଇ ଏହି କାଦୁଅ ପାଣି କୁ ବ୍ୟବହାର କରୁଛନ୍ତି। ଏହା ସହିତ ଗ୍ରାମରେ ପାଇପ୍ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ୍ୟ ପାଇପ ଯୋଗେ ଆସୁଥିବା ପାଣି ମଧ୍ୟ ସାତ ଆଠ ଦିନରେ ଥରେ ଲେଖାଏଁ ଆସୁଥିବାରୁ ସାହି ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିବାସୀ ପାଣି ସମସ୍ୟା ନେଇ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଅଭିଯୋଗ କାରିଥିଲେ ମଧ୍ୟ କେହି ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇ ନ ଥିବା ଅତି କ୍ଷୋଭ ର ସହ କହିଛନ୍ତି ଗ୍ରାମବାସୀ। ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଅତି ଶୀଘ୍ର ନୂତନ ନଳକୂପ ସହିତ ବସୁଧା ଯୋଜନାରେ ପ୍ରତ୍ୟେକ ଦିନ ପାଇପ ପାଣି ଛାଡ଼ିବାକୁ ସାହିବାସୀ ଦାବି କରିଛନ୍ତି।

# ନାଆମୀ ମହାବିଦ୍ୟାଳୟ +୩ରେ ଖୋଲିବ ବିଜ୍ଞାନ ଓ ବାଣିଜ୍ୟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ନାଆମୀ ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟ ବିଷୟରେ +୩ ଶିକ୍ଷା ପାଇଁ ଚଳିତ ଶିକ୍ଷା ବର୍ଷରେ ନାମ ଲେଖିବା ପାଇଁ ସୁଯୋଗ ମିଳିବ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣା ପଡ଼ିଛି। ଏଥିପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ଅନୁମୋଦନ ସହ ଖୁବ୍ ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା କରାଯାଉଛି। ୧୯୭୮ ମସିହାରୁ ପ୍ରତିଷ୍ଠିତ ଏହି ମହା ବିଦ୍ୟାଳୟରେ +୨ ସ୍ତରରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ଶିକ୍ଷା ଦାନ ବ୍ୟବସ୍ଥା ରହିଥିବା ବେଳେ ସ୍ନାତକ ଶ୍ରେଣୀରେ କେବଳ କଳା ପାଠ୍ୟକ୍ରମ ରହିଥିଲା। ସ୍ଥାନୀୟ ଅଞ୍ଚଳର ପିଲା ମାନଙ୍କ ସହ ପଡୋଶୀ ବନ୍ତ ଓ ହାଟଡ଼ିହି ବ୍ଲକର ବିଭିନ୍ନ ଗ୍ରାମର ଛାତ୍ରଛାତ୍ରୀମାନେ ଘରେ ରହି କମ୍ ଖର୍ଚ୍ଚରେ ଏହି ମହା–ବିଦ୍ୟାଳୟରେ ପାଠ ପଢିବା ପାଇଁ ସୁଯୋଗ ପାଉଥିବାରୁ ଶିକ୍ଷିତ ହାର ବଢ଼ିବାରେ ସହାୟକ ହୋଇଛି। ଏବେ ଏହି ମହାବିଦ୍ୟାଳୟରେ ବିଜ୍ଞାନ ଓ ବାଣିଜ୍ୟରେ ସ୍ନାତକ ଶିକ୍ଷା ପ୍ରଦାନ କରାଗଲେ ଏହିସବୁ ଅଞ୍ଚଳର ପିଲାମାନେ ଉପକୃତ ହେବେ। ଏଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ଆଗ୍ରହ ପ୍ରକାଶ ପରେ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିବାରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ ଉଚ୍ଚ ଶିକ୍ଷା ବିଭାଗ ସଚିବ ଓ ନିର୍ଦ୍ଦେଶକଙ୍କୁ ବିଜେପିର ପୂର୍ବତନ ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର କୃତଜ୍ଞତା ଜଣାଇଛନ୍ତି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ଏଥିପାଇଁ ଆନନ୍ଦ ପ୍ରକାଶ ପାଇଛି।

# ପ୍ରଦର୍ଶନୀ ପଡ଼ିଆ ପାଇଁ ଜାଗା ନିମନ୍ତେ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବିକାଶ ସାମୁଖ୍ୟ ତରଫରୁ ଜିଲ୍ଲାର ସଦର ମହକୁମାରେ ରାଜନୈତିକ ସଭା ସମିତି, ରାଜ୍ୟ ସ୍ତରୀୟ ପୁସ୍ତକ ମେଳା, ପଲ୍ଲିଶ୍ରୀ ମେଳା ନିମିତ କୌଣସି ଠାରେ ଏକ ପ୍ରଶସ୍ତ ପଡ଼ିଆ ଜାଗା ନଥିବାରୁ ଏହି କାର୍ଯ୍ୟକ୍ରମ ଗୁଡିକ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ରିଲିଫ ସାମଗ୍ରୀ ପରିଚାଳନା ପାଇଁ ସ୍ଥାନର ଅଭାବ ଯୋଗୁ କେନ୍ଦ୍ରାପଡ଼ା ପ୍ରଶାସନ ଅସୁବିଧାର ସମ୍ମୁଖୀନ ହେଉଛି। ଏଣୁ ବିକାଶ ସାମୁଖ୍ୟ ତରଫରୁ ତିନିମୁହାଣୀ ଛକ ଠାରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ଡିଭିଜନ–୨ ଅଧିନରେ ଥିବା ୨ ଏକର ଜାଗାକୁ ଅଧିଗ୍ରହଣ କରି ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ଏକ ପ୍ରଦର୍ଶନୀ ପଡିଆ ନିର୍ମାଣ କରିବା ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ଅଧ୍ୟାପକ ଅଜୟ ସାମଲ, ଲକ୍ଷ୍ମୀନାରାୟଣ ସାହୁ, ଦୁର୍ଯ୍ୟୋଧନ ସାହୁ, ରମାନନ୍ଦ ସାହୁ, ରବିନ୍ଦ୍ରନାଥ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ୪ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବରିଷ୍ଠ ନାଗରିକ କମିଟି ପକ୍ଷରୁ ୪ ଦଫା ଦାବି ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଜୟପୁରର ପୁରୁଣା ଐତିହାସିକ ଜଗନ୍ନାଥ ସାଗରକୁ ସୌନ୍ଦର୍ଯ୍ୟକରଣ କରିବା, ୩୬ ସିଟି ବିମାନ ସେବା ଜୟପୁର ଠାରୁ ଭୁବନେଶ୍ୱର, ହାଇଦ୍ରାବାଦ, ରାୟପୁର ସେବା ଯୋଗାଇଦେବା, ଜୟପୁର ଭୁବନେଶ୍ୱର ପର୍ଯ୍ୟନ୍ତ ଅନ୍ୟ ଏକ ରେଳସେବା ଯୋଗାଇଦେବା, ଭୁବନେଶ୍ୱର ଏଏମଏସ ଡାକ୍ତରଖାନ ଦୁର ହେଉଥିବା ଯୋଗୁଁ ଜୟପୁର ଠାରେ ଏଏମଏସର ଏକ ଶାଖା ଖୋଲିବା ପାଇଁ ଦାବି ପ୍ରଦାନ କରିଛନ୍ତି।

# ଗନ୍ଧମାର୍ଦ୍ଦନରୁ ବର୍ଷତମାମ ଚାଲିଛି କେନ୍ଦୁ, ଖଇର ଗଛ ଚୋରାଚାଲାଣ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ଗନ୍ଧମାର୍ଦ୍ଦନ ସମେତ ଅନ୍ୟ ଜଙ୍ଗଲ ଓ ପାହାଡ଼ରେ କେନ୍ଦୁ ଏବଂ ଖଇର ଗଛ ବ୍ୟାପକ ଭାବେ କାଟି ଚୋରାଚାଲାଣ ହେଉଛି। ବର୍ଷତମାମ ଏହି କାରବାର ଚାଲିଛି। ସ୍ଥିତି ଏଭଳି ଯେ ଆଉ କିଛି ବର୍ଷ ଭିତରେ ଗନ୍ଧମାର୍ଦ୍ଦନରୁ ଉଭୟ ଗଛ ସଫା ହୋଇଯିବ। ବନ ବିଭାଗ ପାଖରୁ ମିଳିଥିବା ସୂଚନା ମୁତାବକ, ଖପ୍ରାଖୋଲ ରେଞ୍ଜ ଅଧୀନରେ ରହିଛି ଗନ୍ଧମାର୍ଦ୍ଦନ ପାହାଡ଼। ୨୦୨୨–୨୩ ଆର୍ଥିକ ବର୍ଷରେ ଏହି ରେଞ୍ଜରେ ୫୩ କ୍ୱିଣ୍ଟାଲ୍ ଖଇର କାଠ ଜବତ ହୋଇଥିଲା। ଉକ୍ତ ବର୍ଷ ୩ଟି ମାମଲା ରୁଜୁ ହୋଇଥିଲା। ୨୦୨୩–୨୪ ଆର୍ଥିକ ବର୍ଷରେ ୩୪ କ୍ୱିଣ୍ଟାଲ୍ ଖଇର କାଠ ଓ ୧୪.୫ କ୍ୱିଣ୍ଟାଲ୍ କେନ୍ଦୁ କାଠ ଜବତ ହୋଇଥିଲା। ୬ଟି ମାମଲାରେ ମାତ୍ର ୨ ଜଣ ଗିରଫ ହୋଇଥିଲେ। ୨୦୨୪–୨୫ରେ ୭୭ କ୍ୱିଣ୍ଟାଲ୍ ଖଇର କାଠ ଓ ୫ କ୍ୱିଣ୍ଟାଲ୍ କେନ୍ଦୁ କାଠ ଜବତ ହୋଇଥିବାବେଳେ ୯ଟି ମାମଲାରେ ୩ ଜଣ ଗିରଫ ହୋଇଥିଲେ। ୨୦୨୫ ମସିହାରେ ବର୍ତ୍ତମାନ ସୁଦ୍ଧା ୨୮ଟି କେନ୍ଦୁଗଣ୍ଡି ଜବତ ହୋଇଛି। ଜଣେ ଅଭିଯୁକ୍ତ ଚୋରା ଚାଲାଣ ବେଳେ ଧରାପଡ଼ିଛି। ସରକାରୀ ଖାତାରେ ଯେତିକି କାଠ ଜବତ ହୋଇଛି, ତା'ର ଢେରଗୁଣା ଭିତିରିଆ ରାସ୍ତାରେ ପାର୍ ହେଉଛି। ଅର୍ଥାତ୍ ବନବିଭାଗ ଯେତେ ଧରୁଛି, ତା'ଠାରୁ ବହୁ ପରିମାଣରେ କାଠ ଚୋରାବାଟରେ ଗଳିଯାଉଛି। ଖରାଦିନରେ ଶୁଖିଲା କେନ୍ଦୁକାଠର ଚାହିଦା ବେଶୀ। ପୂର୍ବରୁ ମାଫିଆମାନେ ଦୁର୍ଗମ ଜଙ୍ଗଲ ଭିତରେ କେନ୍ଦୁକାଠ କାଟି ଶୁଖାଇ ରଖୁଥିଲେ। କାଠ ପୂରା ଶୁଖିବା ପରେ ଏହାକୁ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଥିଲା। ଏବେ ବର୍ଷା ଦିନରେ ଘଞ୍ଚ ଜଙ୍ଗଲକୁ ବନବିଭାଗ ପହଞ୍ଚିବା ମୁସ୍କିଲ। ଏହାର ସୁଯୋଗ ନେଇ କଞ୍ଚା କାଠ ମଧ୍ୟ ବ୍ୟାପକ ଭାବେ ଚାଲାଣ ହେଉଥିବା ଜଣାପଡ଼ିଛି। ବର୍ଷକୁ ଶହଶହ ଟନ୍ କାଠ ଚାଲାଣ ହେଉଛି। କିନ୍ତୁ, ବନବିଭାଗ ହାତରେ ଲାଗୁଛି ମାତ୍ର କିଛି ଖଣ୍ଡ। ଗନ୍ଧମାର୍ଦ୍ଦନର ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନ ହେଲେ, ଆଗକୁ ଘଞ୍ଚ ଜଙ୍ଗଲ ପଦା ହୋଇଯିବ ବୋଲି ପରିବେଶପ୍ରେମୀ ମାନେ ମତପ୍ରକାଶ କରିଛନ୍ତି।



# ଜଣେ ଶିକ୍ଷକଙ୍କୁ ନେଇ ଚାଲିଛି କୌଶଲ୍ୟା ରାଉତ ଉଚ୍ଚ ବିଦ୍ୟାଳୟ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ଦେଓପଦାଠାରେ ଥିବା କୌଶଲ୍ୟା ରାଉତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।୧୯୮୭ ମସିହାରୁ ପ୍ରତିଷ୍ଠା ହୋଇ ଅତୀତରେ ଭଲ ପରୀକ୍ଷା ଫଳ ପ୍ରଦର୍ଶନ କରି ଆସୁଥିବା ଏହି ବିଦ୍ୟାଳୟ ଏବେ ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀରେ ୨୧ ଜଣ ଓ ଦଶମ ଶ୍ରେଣୀରେ ୨୦ ଜଣ ସର୍ବମୋଟ ୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ତ ଦୂରର କଥା ହିନ୍ଦୀ ଶିକ୍ଷକଙ୍କୁ ଛାଡ଼ି ଅନ୍ୟ କୌଣସି ଶିକ୍ଷକ ନାହାନ୍ତି। ଫଳରେ ଗଣିତ, ବିଜ୍ଞାନ, ଇଂରାଜୀ, ଓଡ଼ିଆ, ସଂସ୍କୃତ ଆଦି ବିଷୟରେ ଶିକ୍ଷାଦାନ ପାଇଁ କୌଣସି ଶିକ୍ଷକ ନଥିବାରୁ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ନେଇ ଉଦବେଗ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ସମ୍ପୃକ୍ତ ହିନ୍ଦୀ ଶିକ୍ଷକଙ୍କୁ କାର୍ଯ୍ୟାଳୟର ବିଭିନ୍ନ କାମ ତୁଲାଇବାକୁ ପଡୁଛି। ବିଦ୍ୟାଳୟରେ କିରାଣୀଙ୍କୁ ବାଦ ଦେଇ ଜଣେ ରାତ୍ର ଜଗୁଆଳି ରହିଛନ୍ତି। ମାତ୍ର ଅନ୍ୟ ଦୁଇ ପିଅନ ପଦବୀ ମଧ୍ୟ ଶୁନ୍ୟ ପଡ଼ିଛି। ଶିକ୍ଷା ବର୍ଷର ଚାରିମାସ ବିତି ଯାଇଥିଲେ ମଧ୍ୟ ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହୋଇ ଥିବାରୁ ଚଳିତ ବର୍ଷର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ କିପରି ଉପଯୁକ୍ତ ଭାବେ ପାଠ ପଢି ପରୀକ୍ଷାର ସମ୍ମୁଖୀନ ହେବେ ସେଥିନେଇ ଉଭୟ ପିଲା ଓ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଶିକ୍ଷା ବିଭାଗର ଅଧିକାରୀମାନେ ଏଥିପାଇଁ ଦୃଷ୍ଟି ଦେଇ ତତ୍କାଳ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି ଜଣାଇଛନ୍ତି।

# ମହଙ୍ଗା ପଡ଼ିଲା ପ୍ରଧାନ ଶିକ୍ଷକ ମଦ ଦୋକାନ ବିରୁଦ୍ଧରେ ମତାମତ ଦେବା : କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକଙ୍କ ଦାବି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ କଇଥଖୋଲା ପଞ୍ଚାୟତର ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜ ଛାତ୍ରଛାତ୍ରୀମାନଙ୍କୁ ଆଣି ଏକ ସୋସିଆଲ ମିଡିଆରେ ମତ ବ୍ୟକ୍ତ କରିବା ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି କଇଥଖୋଲା ପଞ୍ଚାୟତରେ ଥିବା ଏକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟ କାର୍ଯ୍ୟ ସମୟରେ ଉପରିସ୍ଥ ଅଧିକାରୀଙ୍କ ପାଖରୁ କୌଣସି ଆଦେଶ/ ନିର୍ଦ୍ଦେଶ ନ ଆଣି ସୋସିଆଲ ମିଡିଆରେ କିପରି ମତପୋଷଣ କଲେ ଏବଂ ଏଥିସହ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ମତ ରଖିବାକୁ ବାଧ୍ୟ କଲେ ତାହା ତଦନ୍ତ ସାପେକ୍ଷ ହୋଇପଡ଼ିଛି। ଘଟଣାରୁ ପ୍ରକାଶ ସଂପୃକ୍ତ ପ୍ରଧାନ ଶିକ୍ଷକ ସେହି ପଞ୍ଚାୟତର ଜଣେ ମଦ୍ୟପଙ୍କ କଥାରେ ପରିଚାଳିତ ହୋଇ ଏକ ମଦ ଦୋକନ ବିରୁଦ୍ଧରେ ବିଭିନ୍ନ ପ୍ରକାର ଅଶାଳୀନ ମନ୍ତବ୍ୟ ସାମାଜିକ ଗଣ ମାଧ୍ୟମରେ ପ୍ରକାଶ କରିଥିଲେ। ପରେ ସଂପୃକ୍ତ ସାମାଜିକ ଗଣ ମାଧ୍ୟମ ଏହି କଥାକୁ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲେ। ଏହି ପୋଷ୍ଟକୁ ଦେଖି ଛାତ୍ରଛାତ୍ରୀମାନଙ୍କ ଅଭିଭାବକ କେଉଁ ପରିସ୍ଥିତିରେ ବିଦ୍ୟାଳୟ ଚାଲୁଥିବା ବେଳେ ସଂପୃକ୍ତ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ଛାତ୍ରଛାତ୍ରୀ ମାନଙ୍କୁ ଆଣି ବିଦ୍ୟାଳୟ ଗେଟ୍ ଆଗରେ ବିଭିନ୍ନ ପ୍ରକାର ମନ୍ତବ୍ୟ ଦେଲେ ତାହାର ତଦନ୍ତ କରିବାକୁ ଗଣଶିକ୍ଷା ବିଭାଗକୁ ଅବଗତ କରାଇଛନ୍ତି ଏଥିସହ ଜିଲ୍ଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ନିଜ ନିଜର ଦାବି ଜଣାଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ସଂପୃକ୍ତ ପ୍ରଧାନ ଶିକ୍ଷକ କିଛି ଦିନ ପୂର୍ବରୁ ଗଣମାଧ୍ୟମରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ବିରୁଦ୍ଧରେ କିଛି ମନ୍ତବ୍ୟ ରଖିଥିଲେ। ପୁନଶ୍ଚ ମଦ ଦୋକାନକୁ ନେଇ କିପରି ବିଦ୍ୟାଳୟ କାର୍ଯ୍ୟ ଚାଲୁଥିବା ବେଳେ ନିଜର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଆଣି ବିଦ୍ୟାଳୟ ଗେଟ୍ ଆଗରେ ଠିଆ କରାଇ ସଂପୃକ୍ତ ମଦ ଦୋକାନୀ ଏବଂ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ଅଯୁକ୍ତିକର ଏବଂ ଅଶାଳୀନ ମନ୍ତବ୍ୟ ରଖିଲେ ତାହା ଅଞ୍ଚଳବାସୀଙ୍କ ମଧ୍ୟ ଚିନ୍ତାରେ ପକାଇଛି। ତୁରନ୍ତ ଏଥିପ୍ରତି ଭଦ୍ରକ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଦୃଷ୍ଟି ଦେବା ସହ ସଂପୃକ୍ତ ଶିକ୍ଷକମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏଠାରେ ଉଲେଖଯୋଗ୍ୟ ସଂପୃକ୍ତ ପ୍ରଧାନ ଶିକ୍ଷକ ନିଜ ମନମାନୀରେ ଏହା କରିଛନ୍ତି ଅଥବା ଜଣେ ସଂଖ୍ୟାଲଘୁ ବ୍ୟକ୍ତି ବିଶେଷଙ୍କ କଥାରେ ପଡ଼ି ମଦ ଦୋକାନରୁ ଚାନ୍ଦା ନେବା ବାହାନାରେ ଏଭଳି ଅଶାଳୀନ ମନ୍ତବ୍ୟ ଦେଇଛନ୍ତି ତାହାର ତଦନ୍ତ ଦାବି ହୋଇଛି।

# ରାସ୍ତା ଉପରେ ଅଳିଆ ଆବର୍ଜନା : ଡ୍ରେନ୍ ସଫେଇ ଦାବି କଲେ ଅଞ୍ଚଳବାସୀ

**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ମୁଖ୍ୟାଳୟ ଫିରିଙ୍ଗିଆ ବଜାରରେ ଡ୍ରେନ୍ ସମସ୍ୟା ଲାଗି ରହିଛି, ବର୍ଷା ହେଲେ ଡ୍ରେନ୍‌ରେ ଗଦା ଗଦା ଅଳିଆ ଆବର୍ଜନା ଭର୍ତ୍ତି ହୋଇଥିବାରୁ ରାସ୍ତା ଉପରେ ଅଳିଆ ଗଦା ହେବା ଯୋଗୁଁ ଯାତାୟାତରେ ସମସ୍ୟା ଉପୁଜୁଛି। ଜଗନ୍ନାଥ ମନ୍ଦିର ନିକଟରୁ ଅଗ୍ନିଶମ ବାହିନୀ କାର୍ଯ୍ୟାଳୟ ଦେଇ ନାହାଣା ଗାଁକୁ ଯାଇଥିବା ରାସ୍ତାର ଡ୍ରେନରେ ଗଦା ଗଦା ଅଳିଆ ଆବର୍ଜନା ଏବଂ ଭଙ୍ଗା କାଚ ମଦ ବୋତଲ ଜମା ହୋଇଥିବାରୁ ବର୍ଷା ହେବାରୁ ରାସ୍ତା ଉପରେ ଜମା ହେବା ଦ୍ୱାରା ଯାତାୟାତ ବାଧା ପ୍ରାପ୍ତ ହୋଇଛି। ପୂର୍ବରୁ ଡ୍ରେନ ସଫା କରାଯାଇଥିଲେ ମଧ୍ୟ ଦୋକାନୀମାନେ ଏବଂ ରାସ୍ତା ନିକଟରେ ଥିବା ଜନସାଧାରଣ ଅଳିଆ ଆବର୍ଜନା ଡ୍ରେନ୍‌ରେ ପକାଉଥିବାରୁ ଏଭଳି ସମସ୍ୟା ଉପୁଜୁ ଥିବା କହିଛନ୍ତି ବରିଷ୍ଠ ବୁଦ୍ଧିଜୀବୀମାନେ। ପିଡବ୍ଲୁଡି ବଙ୍ଗଳା ପାଖରୁ ବଜାର ପୋଖରୀ ନିକଟକୁ ଯାଇଥିବା ରାସ୍ତା ଡ୍ରେନ୍ ମଧ୍ୟ ସଫା କରିବା ସହ ଫିରିଙ୍ଗିଆ ବ୍ଲକ ଛକ ଠାରୁ ବଜାର ଦେଇ ବାଣିଜ୍ୟ ଭଣ୍ଡାର ପର୍ଯ୍ୟନ୍ତ ଓ ମେଡିକାଲ ରାସ୍ତାରେ ନିର୍ମାଣ କରାଯାଇଥିବା ଡ୍ରେନ୍ ତୁରନ୍ତ ସଫା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣାରେ ଫିରିଙ୍ଗିଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଏହି ଡ୍ରେନ୍ ଶୀଘ୍ର ସଫେଇ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



# ବାବା ସାହେବ କଲ୍ୟାଣ ମଣ୍ଡପ ସିଲ୍ କଲା ପୌରପାଳିକା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବାଙ୍କମଠ ନିକଟରେ ଥିବା ବାବା ସାହେବ କଲ୍ୟାଣ ମଣ୍ଡପକୁ ସିଲ୍ କରିଛି ପୌରପାଳିକା। ୨୦୨୦ ମସିହାରୁ ପୌରପାଳିକାର ଟଙ୍କା ପଇଠ କରି ନଥିଲେ। ଏନେଇ ଜୟପୁର ଉପ ଜିଲ୍ଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକା ବରମ ଶଶ୍ୟା ରେଡ୍ଡିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତ ଚଢଉ କରି ସିଲ୍ କରିଛନ୍ତି। ୨୦୧୭–୧୮ ମସିହାରୁ ପୌରପାଳିକା ଠାରୁ ବାର୍ଷିକ ୭ ଲକ୍ଷ ଟଙ୍କାରେ ଲିଜ୍ ଆକାରରେ ନେଇ ଟଙ୍କା ପଇଠ କରିନଥିଲେ। ୪ରୁ ୫ ବର୍ଷ ହେବ ଟଙ୍କା ପଇଠ କରିନଥିଲେ। ଟଙ୍କା ପଇଠ ନକଲେ ପୌରପାଳିକା ନିଜେ ଉକ୍ତ ମଣ୍ଡପକୁ ଚଲାଇବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଚଢଉରେ ମାଜିଷ୍ଟ୍ରେଟ ଭାବେ ଆସିଷ୍ଟାଣ୍ଡ କେଲେକ୍ଟର ସିନିଆ ନାୟକ, ଅମିନ ଶୁଭସ୍ମିତା ଜେନା, ଓମକାର ସିଂ, ସତ୍ୟ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭଲ ହେଉନି ଗୋଡ଼ ଘା, ଶଯ୍ୟାଶାୟୀ ପତ୍ନୀ : ଚିକିତ୍ସା ଚିନ୍ତାରେ ସ୍ୱାମୀ



**ହରଭଙ୍ଗା, ନ୍ୟୁଜ୍‌ବ୍ୟୁରୋ**

ସକାଳ ପାଇଲେ ପେଟ ଚାଖଣ୍ଡ କଥା ଚିନ୍ତା କରୁ କରୁ ଦିନ ସରିଯାଏ। ତଥାପି ତିନି ପୁଅ, ଝିଅ ପତ୍ନୀକୁ ନେଇ ୫ ପ୍ରାଣୀକୁଟୁମ୍ବ ହସଖୁସିରେ ଜୀବନ ବିତାଉଥିଲେ। ମାତ୍ର ପତ୍ନୀ ବର୍ତ୍ତମାନ ଏକ ଅଜଣା ରୋଗରେ ଆକ୍ରାନ୍ତ। ଗତ ଏକମାସ ତଳେ ପତ୍ନୀଙ୍କ ଗୋଡ଼ରେ ସାଧାରଣ ଛୋଟ ଘା'ଟିଏ ହୋଇଥିଲା। ଘା' ଧୀରେ ଧୀରେ ବଢ଼ିବା ସହିତ ଭଲ ହେଉନାହିଁ। ଶେଷରେ ପତ୍ନୀ ଏବେ ଚାଲିବୁଲି ନପାରି ଖଟିଆରେ ପଡ଼ି କଷ୍ଟରେ ଛଟପଟ ହେଉଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ବଳଦମୁଣ୍ଡା ସାହିର ସ୍ୱାମୀ କୃଷ୍ଣ ମୁଖୀଙ୍କ ପତ୍ନୀ ମଞ୍ଜୁ ମୁଖୀଙ୍କ କ୍ଷେତ୍ରରେ। ପରିବାର କହିଲେ ଛୋଟଛୋଟ ୩ଟି ପୁଅଝିଅ ସାଙ୍ଗକୁ ସ୍ତ୍ରୀ ମଞ୍ଜୁ ମୁଖୀଙ୍କୁ ନେଇ। ସ୍ୱାମୀ, ସ୍ତ୍ରୀ ମୁଲ ମଜୁରୀ କଲେ ଚୁଲି ଜଳେ। ଗୋଡ଼ ଘା ଭଲ ହେଉ ନ ଥିବାରୁ ପତ୍ନୀ ଏବେ ଶଯ୍ୟାଶାୟୀ। ଗୋଟିଏ ପଟେ ପିଲାଛୁଆଙ୍କ ଚିନ୍ତା ଅନ୍ୟପଟେ ପତ୍ନୀର ଚିକିତ୍ସା ଚିନ୍ତାରେ ସ୍ୱାମୀ କୃଷ୍ଣ ପୁରା ଭାଙ୍ଗିପଡିଲେଣି। ଦିନ ତମାମ ସ୍ତ୍ରୀ ପିଲା ଛୁଆଙ୍କ ସେବାରେ ନିଜକୁ ନିୟୋଜିତ କରି ଚାଲି ଥିବାବେଳେ କାମଧନ୍ଦା କରିବାରେ ଅସମର୍ଥ ହୋଇ ପଡିଛନ୍ତି କୃଷ୍ଣ। ଏଭଳି ଅବସ୍ଥାରେ ପରିବାରର ଅବସ୍ଥା ଦେଖି ତୁରନ୍ତ ସରକାର ଚିକିତ୍ସା ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ଦିଗରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

# 'ଯୁଦ୍ଧ ପରେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ମୃତ୍ୟୁ କେବଳ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ହୋଇଛି'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନିକଟରେ ବିଶ୍ୱ ଅର୍ଥନୈତିକ ଫୋରମର ରିସ୍କ ରିପୋର୍ଟରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଏହାର ଭୟଙ୍କର ପ୍ରଭାବ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ରିପୋର୍ଟରେ କୁହାଯାଇଛି ଯେ, ସଶସ୍ତ୍ର ଲଢେଇ ଏବଂ ଯୁଦ୍ଧ ପରେ ବିଶ୍ୱରେ ଦ୍ୱିତୀୟ ସର୍ବାଧିକ ମୃତ୍ୟୁ କେବଳ ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ହୋଇଛି। ଗଲା ତିନି ଦଶନ୍ଧି ମଧ୍ୟରେ ଅର୍ଥାତ ୧୯୯୩ ରୁ ୨୦୨୨ ଭିତରେ ବିଶ୍ୱରେ ୯,୪୦୦୦ଟି ଜଳବାୟୁ ପରିବର୍ତ୍ତନ ଜନିତ ଭୟଙ୍କର ଘଟଣାରେ ଘଟିଥିବାବେଳେ ୭ଲକ୍ଷ ୬୫ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଶ୍ୱରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ, ଅଂଶୁଘାତ, ଅତ୍ୟଧିକ ବର୍ଷା, ଜଳ ପ୍ରଳୟ, ବନ୍ୟା, ସାମୁଦ୍ରିକ ବାତ୍ୟା, ମରୁଡ଼ି ଆଦି ମାନବ ସମାଜ ପାଇଁ ସବୁଠାରୁ ବଡ଼ କ୍ଷତିକାରକ ଭାବେ ଉଭା ହୋଇଛି। ଏହି ଅବଧି ମଧ୍ୟରେ ଚାରି ଟ୍ରିଲିଅନ ଡଲାରର କ୍ଷୟକ୍ଷତି ଘଟିଥିବା କୁହଯାଏ। ସେହିପରି ଜର୍ମାନୱାଚ ଗ୍ଲୋବାଲ କ୍ଲାଇମେଟ ରିସ୍କ ଇଣ୍ଡେକ୍ସର ରିପୋର୍ଟରେ ତଥ୍ୟ ଅନୁଯାୟୀ ଏହି ସମୟ ଅର୍ଥାତ ୧୯୯୩ରୁ ୨୦୨୨ ମଧ୍ୟରେ ଭାରତ ୬ଟି ବଡ଼ ଧରଣର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯାହାର ପ୍ରଭାବରେ ଭାରତରେ ୮୦ ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ୧୮୦ ବିଲିଅନ ଡଲାରର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ବିଶ୍ୱର ସର୍ବାଧିକ କ୍ଷତିଗ୍ରସ୍ତ ରାଷ୍ଟ୍ରଙ୍କ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଛି। କେବଳ ଏତିକି ନୁହେଁ, ଏହି ଅବଧି ମଧ୍ୟରେ ଭାରତରେ ମୋଟ ମୃତ୍ୟୁ ସଂଖ୍ୟାର ପ୍ରତି ୧୦ଜଣରେ ଜଣେ ପ୍ରାକୃତିକ ବିପର୍ଯ୍ୟୟରେ ଜୀବନ ହରାଇଥିବା କୁହାଯାଏ। ଭାରତରେ ଦ୍ରୁତ ସହରାଞ୍ଚଳ ବିକାଶ, ଶିଳ୍ପ ବିକାଶ ପରିପ୍ରେକ୍ଷୀରେ ଦ୍ରୁତ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଭାରତୀୟ ଲୋକଙ୍କର ସ୍ୱାସ୍ଥ୍ୟ ଉପରେ ପଡ଼ିଛି। ବନ୍ୟା, ବାତ୍ୟା, ଗ୍ରୀଷ୍ମପ୍ରବାହ, ଅତ୍ୟଧିକ ଥଣ୍ଡା ପ୍ରବାହ ଜନିତ ମୃତ୍ୟୁ ବ୍ୟତୀତ ଦେଶରେ ଶ୍ୱାସକ୍ରିୟାରେ ଏବଂ ହୃଦ୍‌ରୋଗ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ଏବେ ଉଦ୍‌ବେଗର କାରଣ ହୋଇଛି। ସେହିପରି ମାନସିକ ବିକୃତ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଥିବା ଲାନସେଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି। ଲାନ୍‌ସେଟ୍‌ରେ ଆହୁରି କୁହାଯାଇଛି ଯେ, ମନ ଓ ଶରୀର ପୃଥକ ନୁହେଁ। ଗୋଟିଏ ପ୍ରଭାବିତ ହେଲେ ଅନ୍ୟଟି ପ୍ରଭାବିତ ହେବା ନିଶ୍ଚିତ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ପ୍ରଭାବିତ କରୁଥିବାବେଳେ ଏହାର ପ୍ରଭାବ ସିଧାସଳଖ ମାନସିକ ସ୍ୱାସ୍ଥ୍ୟ ଉପରେ ପଡୁଛି। ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା ସରକାରୀ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିଶେଷ ଗୁରୁତ୍ୱ ପାଇନଥିବାବେଳେ ଏଥିଲାଗି ବଜେଟ ବ୍ୟୟ ଅଟକଳ ମାତ୍ର ୧ ପ୍ରତିଶତ ରହିଛି। ଯାହାକି ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି; କିନ୍ତୁ ଏହା ନିଃସନ୍ଦେହ ଯେ, ଦ୍ରୁତ ଜଳବାୟୁ ପରିବର୍ତ୍ତନ ପ୍ରଭାବ ଯେପରି ମଣିଷର ମାନସିକ ସ୍ୱାସ୍ଥ୍ୟ ଉପରେ ବୃଦ୍ଧି ପାଇଛି, ଏହାର ପ୍ରତିକାର କରାନଗଲେ, ଭବିଷ୍ୟତ ପିଢିଙ୍କୁ ଏହା ନଷ୍ଟ ଭ୍ରଷ୍ଟ କରିଦେବାର ଆଶଙ୍କା ରହିଛି। ସେହିପରି ବିଶ୍ୱବ୍ୟାଙ୍କ ଏବଂ କେନ୍ଦ୍ର ସହର ବିକାଶ ଓ ଗୃହ ନିର୍ମାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଏକ ମିଳିତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ଭାରତୀୟ ସହରଗୁଡ଼ିକ ଉପରେ ସିଧାସଳଖ ପଡ଼ିଛି। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଦେଶର ୧୦ଟି ବଡ଼ ବଡ଼ ସହର ଅସହ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ଅତିଶୟ ବର୍ଷାରେ ପ୍ରଭାବିତ ହୋଇଥିବା କୁହାଯାଏ। ୧୯୮୩ ରୁ ୧୯୯୦ ଏବଂ ୨୦୧୦ ରୁ ୨୦୧୬ ମଧ୍ୟରେ ଗଲା ୨୫ବର୍ଷ ମଧ୍ୟରେ ଏହି ସହରଗୁଡ଼ିକରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ବର୍ଷା ୭୧ ପ୍ରତିଶତରୁ ଶତ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସହରଗୁଡିକରେ ଅଂଶୁଘାତ ଓ ଗ୍ରୀଷ୍ମ ପ୍ରବାହ ଜନିତ ମୃତ୍ୟୁ ସଂଖ୍ୟା ଦ୍ୱିଗୁଣିତ ବୃଦ୍ଧି ପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଭାରତ ସମେତ ସମଗ୍ର ବିଶ୍ୱ ଏବେ ଏକ ଅଦ୍‌ଭୂତପୂର୍ବ ପର୍ଯ୍ୟାୟ ଜଳବାୟୁ ପରିବର୍ତ୍ତନରେ ପ୍ରବେଶ କରିଥିବା ନେଇ ସ୍ପଷ୍ଟ ସଂକେତ ମିଳେ। ଗତ ଜାନୁଆରୀ ମାସ ଆନ୍ତର୍ଜାତିକ ସ୍ତରରେ ସବୁଠାରୁ ଉଷ୍ମ ମାସ ଥିବା ରେକର୍ଡ କରାଯାଇଛି। ଭୂଭାଗର ହାରାହାରି ତାପମାତ୍ରା ୧୩.୨୩ ଡିଗ୍ରୀ ସେଲସିୟସ ଥିଲା, ଯାହା ପ୍ରି–ଇଣ୍ଡଷ୍ଟ୍ରିଆଲ ତାପମାତ୍ରା ଠାରୁ ୧.୭୫ ଡିଗ୍ରୀ ସେଲସିୟସ ଥିଲା। ଭାରତ ଓ ପାକିସ୍ତାନରେ ସର୍ବାଧିକ ହିଟୱେଭ୍ ପ୍ରବଣ ଦେଶଗୁଡ଼ିକ ମଧ୍ୟରେ ନବମ ସ୍ଥାନରେ ରହିଥିବାବେଳେ ଏହାର ମୁକାବିଲା ପାଇଁ ବେଳହୁଁ ସଜାଗ, ସତର୍କ ନହେଲେ ଦକ୍ଷିଣ ଏସିଆର ଦୁଇ ପଡ଼ୋଶୀ ରାଷ୍ଟ୍ରରେ ହିଟୱେଭ୍ ୩୦ଗୁଣ ବୃଦ୍ଧି ପାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ।



ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ରହିଛି ୭ ପ୍ରତିଶତ

ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର-ଡିସେମ୍ବର ଅବଧିରେ ଭାରତୀୟ ଅର୍ଥନୀତିର ବିକାଶ ହାର ଭଲ ରହିଛି। ଏହି ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୪ ପ୍ରତିଶତ ବଢ଼ିଛି। ବିନିର୍ମାଣ (ମାନୁଫାକ୍ଚରି) ଏବଂ ଖଣି କ୍ଷେତ୍ରର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିବା କାରଣରୁ ଜିଡିପିରେ ଏଭଳି ଉନ୍ନତି ସମ୍ଭବ ହୋଇଛି। ମାନୁଫାକ୍ଚରିଂ ୧୧.୬ ପ୍ରତିଶତ, ନିର୍ମାଣ ୯.୫ ପ୍ରତିଶତ; ବାଣିଜ୍ୟ, ହୋଟେଲ ଓ ପରିବହନ ୬.୭ ପ୍ରତିଶତ, ଆର୍ଥିକ କ୍ଷେତ୍ର ସହିତ ରିଅଲ ଇଷ୍ଟେଟ୍ ଅଭିବୃଦ୍ଧି ହାର ୭ ପ୍ରତିଶତ ରହିଛି। ତେବେ ଚିନ୍ତାର ବିଷୟ ହେଲା ସଂଖ୍ୟାଧିକ ଲୋକ କୃଷି ଉପରେ ଏବେ ବି ନିର୍ଭରଶୀଳ ଥିଲେ ମଧ୍ୟ ତୃତୀୟ ତ୍ରୟମାସରେ ଦେଶର କୃଷିକ୍ଷେତ୍ରର ଅଭିବୃଦ୍ଧି ହିସାବ ୦.୮ ପ୍ରତିଶତ ଅର୍ଥାତ୍ ସଂକୁଚିତ ହୋଇଛି। ଦ୍ୱିତୀୟ ତ୍ରୈମାସରେ କୃଷିକ୍ଷେତ୍ରର ଅଭିବୃଦ୍ଧି ୧.୬ ପ୍ରତିଶତ ରହିଥିଲା। ସେହିଭଳି ଗତ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ କୃଷି କ୍ଷେତ୍ର ୫.୨ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। ରିପୋର୍ଟ ଉପରେ ନଜର ପକାଇଲେ ଜଣାଯାଏ ଯେ ବର୍ତ୍ତମାନ ମୂଲ୍ୟରେ ତୃତୀୟ ତ୍ରୟମାସର ଜିଡିପି ୭୫.୪୯ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଏହା ୬୮.୫୮ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧିରେ ୧୦.୧ ପ୍ରତିଶତ ବୃଦ୍ଧି ଘଟିଛି। କିନ୍ତୁ ୨୦୧୧-୧୨ର ସ୍ଥିର ମୂଲ୍ୟରେ ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସ ଜିଡିପି ୪୩.୭୨ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ର ତୃତୀୟ ତ୍ରୟମାସରେ ଏହା ୪୦.୩୫ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣି ଏହି ସମୟରେ ବାସ୍ତବ ଜିଡିପି ଅଭିବୃଦ୍ଧି ୮.୪ ପ୍ରତିଶତ ବଢ଼ିଥିବା ଆକଳନ ହୋଇଛି।

ଏଥିସହିତ ଆର୍ଥିକ ବର୍ଷର ପ୍ରଥମ ଓ ଦ୍ୱିତୀୟ ତ୍ରୟମାସ ପାଇଁ ମଧ୍ୟ ଜିଡିପି ସଂଖ୍ୟାରେ ସଂଶୋଧନ ଅଣାଯାଇଛି। ପୂର୍ବ ଆକଳନରେ ପ୍ରଥମ ଓ ଦ୍ୱିତୀୟ ତ୍ରୟମାସରେ ଜିଡିପି ଅଭିବୃଦ୍ଧି ଯଥାକ୍ରମେ ୭.୮ ଏବଂ ୭.୬ ପ୍ରତିଶତ ରହିଥିଲା। କିନ୍ତୁ ଆଜି ଉକ୍ତ ସଂଖ୍ୟା ଯଥାକ୍ରମେ ୮.୨ ପ୍ରତିଶତ ଏବଂ ୮.୧ ପ୍ରତିଶତ ରହିଥିବା ଦର୍ଶାଯାଇଛି। ତୃତୀୟ ତ୍ରୟମାସରେ ଅର୍ଥନୀତିର ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପୂର୍ବାନୁମାନ କରିଥିଲା। ତେଣୁ ରିଜର୍ଭ ବ୍ୟାଙ୍କର ପୂର୍ବାନୁମାନ ତୁଳନାରେ ଅଭିବୃଦ୍ଧି ଭଲ ରହିଛି। ଆଜି ପ୍ରକାଶିତ ଦ୍ୱିତୀୟ ଅଗ୍ରିମ ଆକଳନରେ ଚଳିତ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିର ଅଭିବୃଦ୍ଧି ୭.୬ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଚଳିତବର୍ଷ ପୂର୍ବରୁ କରାଯାଇଥିବା ପ୍ରଥମ ଅଗ୍ରିମ ଆକଳନରେ ଆର୍ଥିକବର୍ଷର ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। ବର୍ତ୍ତମାନ ମୂଲ୍ୟରେ ଚଳିତ ଆର୍ଥିକ ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ୨୯୩.୯୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୦୨୨-୨୩ ଆର୍ଥିକବର୍ଷରେ ଏହା ୨୬୯.୫୦ ଲକ୍ଷ କୋଟି ଟଙ୍କା ରହିଥିଲା। ତେଣୁ ବର୍ତ୍ତମାନ ମୂଲ୍ୟରେ ଜିଡିପି ଅଭିବୃଦ୍ଧି ୯.୧ ପ୍ରତିଶତ ରହିବା ନେଇ ହିସାବ କରାଯାଇଛି। ତେବେ ୨୦୧୧-୧୨ ଆର୍ଥିକ ବର୍ଷର ସ୍ଥିର ମୂଲ୍ୟରେ ୨୦୨୩-୨୪ ଆର୍ଥିକବର୍ଷରେ ଜିଡିପି ୧୭୨.୯୦ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷର ପ୍ରଥମ ସଂଶୋଧିତ ଆକଳନରେ ବାସ୍ତବ ଜିଡିପି ୧୬୦.୭୧ ଲକ୍ଷ କୋଟି ଟଙ୍କା ରହିବ ବୋଲି କୁହାଯାଇଥିଲା। ତେଣୁ ଗତ ଆର୍ଥିକ ବର୍ଷରେ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭ ପ୍ରତିଶତ ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୭.୬ ପ୍ରତିଶତ ରହିବା ନେଇ ଏନ୍ଏସ୍ଓ (ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ) ପକ୍ଷରୁ କୁହାଯାଇଛି। ଭାରତୀୟ ଅର୍ଥନୀତିର ତୃତୀୟ ତ୍ରୟମାସ ଜିଡିପି ଅଭିବୃଦ୍ଧି ରିପୋର୍ଟ ଆସିବା ପରେ ସାମାଜିକ ଗଣମାଧ୍ୟମ ଏକ୍ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା ଉପରେ ମତ ରଖିଛନ୍ତି। ୮.୪ ପ୍ରତିଶତର ଜିଡିପି ଅଭିବୃଦ୍ଧି ଭାରତୀୟ ଅର୍ଥନୀତିର ଶକ୍ତି ଓ ସାମର୍ଥ୍ୟକୁ ଦର୍ଶାଉଛି। ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହାସପାଇଁ ଆମର ପ୍ରଚେଷ୍ଟା ଜାରି ରହିବ, ଯେପରିକି ୧୪୦ କୋଟି ଭାରତୀୟ ଉତ୍ତମ ଜୀବନ ଜିଇଁ ପାରିବେ ଏବଂ ଏକ ବିକଶିତ ଭାରତ ତିଆରି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ମହାଭାରତୀୟ ଚେତନା ଓ ଭାରତର ସ୍ୱାଧୀନତା



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୭୬୨

ଶହଶହ ବର୍ଷର ପରାଧୀନତା ଶେଷରେ ଭାରତବର୍ଷ ତା'ର ମହାର୍ଘ ସ୍ୱାଧୀନତା ଅର୍ଜନ କଲା ୧୯୪୭ ଅଗଷ୍ଟ ମାସରେ। ବହୁ ଲୋକଙ୍କ ଶ୍ରମ, ସମୟ, ଶକ୍ତି, ସ୍ୱେଦ, ଶୋଣିତ ଉପଯୋଗରେ ଆମେ ଆମର 'ଜନ୍ମଗତ ଅଧିକାର' ସ୍ୱାଧୀନତାକୁ ହାସଲ କଲେ। ଏବେ ନିଜକୁ ଗୋଟେ ସ୍ୱାଧୀନ ରାଷ୍ଟ୍ରର ସ୍ୱାଧୀନ ନାଗରିକ ବୋଲି କହି ଆମେ ଉଲ୍ଲସିତ ହୁଅନ୍ତି। ସ୍ୱାଧୀନତାକୁ ଆମ ମହାଭାରତୀୟ ଚେତନାର ପ୍ରକୃଷ୍ଟ ପ୍ରକଟନ ବୋଲି କହି ଚେତନାର ଉର୍ଦ୍ଧ୍ୱ ସ୍ତରକୁ ଉତ୍ତରିତ ହୋଇଯାଆନ୍ତି। ଗ୍ରୀସ୍ ପରିବ୍ରାଜକ ମେଘାସ୍ଥିନିସ୍‌ଙ୍କ 'ଇଣ୍ଡିକା', ଚୀନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ 'ସି-ୟୁ-କି'ରୁ ଆରମ୍ଭ କରି ଜବାହରଲାଲ୍ ନେହରୁଙ୍କ 'ଡିସ୍‌କଭରି ଅଫ୍ ଇଣ୍ଡିଆ', ଆବୁଲ୍ କଲାମ୍ ଆଜାଦ୍‌ଙ୍କ 'ଇଣ୍ଡିଆ ଉଇନ୍ସ ଫ୍ରିଡମ୍' ସମେତ ଆମ ସମୟର ଖୁସ୍‌ୱନ୍ତ ସିଂଙ୍କ 'ଇଣ୍ଡିଆ : ଆନ୍ ଇଣ୍ଟ୍ରୋଡକ୍‌ସନ୍', ଡୋମିନିକ୍ ଲାପେରି ଓ ଲ୍ୟାରି କଲିନ୍ସଙ୍କ 'ଫ୍ରିଡମ୍ ଆଟ୍ ମିଡ୍‌ନାଇଟ୍' ଗ୍ରନ୍ଥଗୁଡ଼ିକୁ ଅଧ୍ୟୟନ, ଅନୁଶୀଳନ କରି ଆମେ ଆମ ବିପୁଳ ଭୂଖଣ୍ଡର ସଭ୍ୟତା, ସଂସ୍କୃତି, ଇତିହାସ, ଭୂଗୋଳ, କଳା, ସାହିତ୍ୟ, ଦର୍ଶନ, ଧର୍ମ-ଧାରଣା, ଆଧ୍ୟାତ୍ମିକତା, ସ୍ୱରାଜ୍ୟ ଆନ୍ଦୋଳନ, ଜନଜୀବନର ସମାଜନୀତି, ରାଜନୀତି, ଅର୍ଥନୀତି, ଶୈକ୍ଷିକ ବୋଧଶକ୍ତି ଓ ଆହୁରି ଅନ୍ୟାନ୍ୟ ଅନେକ ଦିଗ ଦିଗନ୍ତ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରିବା ସହିତ ସଚେତ ହେଉ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି, ଯାହା ଆମ ଅନୁଭବର ପରିଧି ଭିତରକୁ ଆସେ, ତାହା ହେଉଛି, ଆମେ ପ୍ରାୟ ଆଠ ଦଶନ୍ଧି ହେଲା ସ୍ୱାଧୀନତା ଅର୍ଜନ କଲେ, ନିଜକୁ ସ୍ୱାଧୀନ ଭାରତୀୟ କହି ଗୌରବରେ ଉଜ୍ଜ୍ୱଳ ଦିଶିଲେ, କିନ୍ତୁ ଗୋଟେ ମହାଭାରତୀୟ ଚେତନା ଆମ ଭୂଖଣ୍ଡର ସମସ୍ତ ଅଧିବାସୀଙ୍କ ମନୋମଣ୍ଡଳ ସମେତ ସମଗ୍ର ବିଶ୍ୱବାସୀଙ୍କ ମନୋମଣ୍ଡଳକୁ ଆଚ୍ଛନ୍ନ କରି ରହିଛି ସୁଦୀର୍ଘ କାଳ ଓ ରହିଥିବ ଅନନ୍ତ କାଳ ପର୍ଯ୍ୟନ୍ତ । ସେହି ଚେତନାଟି ହେଉଛି 'ବେଦ'ର ଭିତ୍ତି, 'ବେଦାନ୍ତ'ର ବିଭୂତି, 'ଗୀତା'ର କୀର୍ତ୍ତି, 'ଭାଗବତ'ର କୃତି, 'ରାମାୟଣ'ର ସ୍ତୁତି, 'ମହାଭାରତ'ର ସମ୍ପତ୍ତି ଓ ଆମ ସକଳ ଶାସ୍ତ୍ର ପୁରାଣର ଅସଲ ଅବସ୍ଥିତି । ଜୀବନର ଉପଲବ୍ଧିରେ, ଆତ୍ମ-ସାକ୍ଷାତ୍‌କାରର ସିଦ୍ଧିରେ, ଚିନ୍ତନର ସ୍ୱାଧୀନତାରେ ଓ ଚରିତ୍ରର ଶୁଦ୍ଧିରେ ହିଁ ମହାଭାରତୀୟ ଚେତନାର ପ୍ରତିଭାଷ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ଆଠ ଦଶନ୍ଧିର ସତ୍ୟ, କିନ୍ତୁ ମହାଭାରତୀୟ ଚେତନାଟି ସହସ୍ର ସହସ୍ର ବର୍ଷର । ଯେଉଁ ଚେତନାରୁ ଝରିଆସିଛି 'ବସୁଧୈବ କୁଟୁମ୍ବକମ୍', 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍', 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ଭଳି ଉଦାତ୍ତ ଉଚ୍ଚାରଣ। ସେହି ମହାଭାରତୀୟ ଚେତନା ସମଗ୍ର ବିଶ୍ୱର ଜନମାନସକୁ ଗୋଟେ ସାର୍ବଜନିକ, ବୈଶ୍ୱିକ ବିଚାରରେ ବିମୁଗ୍ଧ, ବିଭୋର କରିଛି। କାଳୋତ୍ତୀର୍ଣ୍ଣ ସେହି ଚେତନାର ପ୍ରଭାବରେ ଆମେରିକାରେ ରାଲ୍‌ଫ୍ ୱାଲ୍‌ଡୋ ଇମର୍ସନ୍ 'ଗୀତା' ପଢ଼ିଲେ, 'ବ୍ରହ୍ମ' ଶୀର୍ଷକ କବିତା ଲେଖିଲେ । ତାଙ୍କ ଶିଷ୍ୟ ହେନରୀ ଡାଭିଡ୍ ଥରୋ ବି 'ଗୀତା' ପଢ଼ିଲେ, 'ୱାଲ୍‌ଡେନ୍' ପ୍ରବନ୍ଧ ଲେଖିଲେ। ବେଦ, ଉପନିଷଦ, ଗୀତାର ସାର ଓ ସିଦ୍ଧାନ୍ତ ଆଧାରରେ ୱାଲ୍ଟ ହ୍ୱିଟ୍‌ମ୍ୟାନ୍ ଲେଖିଲେ 'ଲିଭ୍‌ସ୍ ଅଫ୍ ଗ୍ରାସ୍' କବିତା । ରୁଷିଆରେ ଅଟୋଭନ୍ ବୋଟ୍‌ଲିଂ ସାତଟି ଭଲ୍ୟୁମ୍‌ରେ ସଂସ୍କୃତ-ଜର୍ମାନ୍ ଶବ୍ଦକୋଷ ପ୍ରଣୟନ କଲେ । ଇଂଲଣ୍ଡରେ ହୋରେସ୍ ହେମ୍ୟାନ୍ ଉଇଲ୍‌ସନ୍ କାଳିଦାସଙ୍କ 'ମେଘଦୂତମ୍'କୁ ଇଂରାଜୀରେ ଅନୁବାଦ କଲେ, ଶୀର୍ଷକ ରଖିଲେ 'ଦି କ୍ଲାଉଡ୍ ମେସେଞ୍ଜର୍' । ଏ.ଏଲ୍.ବାସମ୍ ଲେଖିଲେ ବହିଟିଏ 'ଦି ୱଣ୍ଡର୍ ଦାଟ୍ ୱାଜ୍ ଇଣ୍ଡିଆ'। ଜିମ୍ କର୍‌ବେଟ୍ ଭାରତରେ ବାଇଶି ବର୍ଷ ଅବସ୍ଥାନ କରି ଲେଖିଲେ 'ମାଇଁ ଇଣ୍ଡିଆ' ବହିଟିକୁ । ଫ୍ରାନ୍ସ୍‌ରେ ରୋମାଁରୋଲାଁ ଲେଖିଲେ 'ଦି ଏନ୍‌ଚ୍ୟାଣ୍ଟେଡ୍ ସୋଲ୍', 'ପ୍ରଫେଟ୍ସ ଅଫ୍ ଦି ନିଉ ଇଣ୍ଡିଆ', 'ଲାଇଫ୍ ଅଫ୍ ବିବେକାନନ୍ଦ' ଶୀର୍ଷକରେ ବହିଗୁଡ଼ିଏ । ଜର୍ମାନୀରେ ମ୍ୟାକ୍ସ ମୁଲର୍ ବେଦ ପଢ଼ିଲେ, 'ପ୍ରିଫେସ୍ ଟୁ ଋଗ୍‌ବେଦ' ଲେଖିଲେ, ସେଥିସହିତ ଲେଖିଲେ ବହିଟିଏ 'ଇଣ୍ଡିଆ : ହ୍ୱାଟ୍ କ୍ୟାନ୍ ଇଟ୍ ଟିଚ୍ ଅସ୍'। ହର୍‌ମାନ୍ କୁଲ୍‌କେ ଲେଖିଲେ, 'ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ'। ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ 'ଗୀତା' ପଢ଼ିଲେ, ବିଶ୍ୱବାସୀଙ୍କୁ କହିଲେ, 'ପରମାଣୁ ଶକ୍ତିକୁ ଶାନ୍ତିପୂର୍ଣ୍ଣ ଉପାୟରେ ଉପଯୋଗ କର, ଯାକୁ ପ୍ରୟୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର, ବ୍ୟାଧି ଉପଶମ ପାଇଁ ଔଷଧ ପ୍ରସ୍ତୁତ କର ।' ଚୀନ୍‌ର ବିଦ୍ୱାନ୍ ଜୁ ଫାନ୍‌ଚେଙ୍ଗ୍ ପଣ୍ଡିଚେରୀରେ ସତେଇଶି ବର୍ଷ କାଳ ଅବସ୍ଥାନ କରି ଶ୍ରୀ ଅରବିନ୍ଦଙ୍କ 'ଦି ଲାଇଫ୍ ଡିଭାଇନ୍', 'ଦି ସିନ୍ଥେସିସ୍ ଅଫ୍ ଯୋଗ', 'ଦି ହ୍ୟୁମାନ୍-ସାଇକିଲ୍' ବହିଗୁଡ଼ିକୁ ଚୀନା ଭାଷାରେ ଅନୁବାଦ କଲେ। ଭାରତୀୟ ଧର୍ମ, ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଜାପାନର ହାଜିମେ ନାକାମୁରା ଲେଖିଲେ, 'ୱେଜ୍ ଅଫ୍ ଥିଙ୍କିଙ୍ଗ୍ ଅଫ୍ ଇଷ୍ଟର୍ଣ୍ଣ ପିପୁଲ୍ସ', ସେଙ୍ଗାକୁ ମାୟେଡ଼ା ଲେଖିଲେ 'ଇଣ୍ଡିଆନ୍ ଫିଲୋସୋଫି ଆଣ୍ଡ ଆଦି ଶଙ୍କର', ଡାଇସାକୁ ଇକେଡ଼ା ଲେଖିଲେ, 'ଉଇସ୍‌ଡମ୍ ଫର୍ କ୍ରିଏଟିଂ ହାପିନେସ୍ ଆଣ୍ଡ ପିସ୍' । ସ୍ପେନ୍‌ର ହେନରୀ ହେରାସ୍ ଲେଖିଲେ, 'ଇଣ୍ଡୋଲୋଜିକାଲ୍ ଷ୍ଟଡିଜ୍' । ଇଣ୍ଡୋନେସିଆର ଡ.ଏ.ଡି. ସେଦ୍ୟାବତୀ ଇଣ୍ଡୋନେସିଆ ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ସମ୍ବନ୍ଧୀୟ ବକ୍ତବ୍ୟ ଉପସ୍ଥାପନ କଲେ ବିଶ୍ୱବାସୀଙ୍କ ଆଗରେ । ମରିସସ୍-ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ଏତେ ଅଧିକ ଯେ ମରିସସ୍‌କୁ ବିଶ୍ୱବାସୀ ଖୁବ୍ ଆଗ୍ରହରେ 'ଛୋଟ ଭାରତ' ବୋଲି କହିଲେ । ଏଭଳି ଦୃଷ୍ଟାନ୍ତ ଦେଲେ ସହସ୍ର ସହସ୍ର ହେବ। ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏବେ ପାଶ୍ଚାତ୍ୟରେ କୁହାଯାଉଥିବା ଲେଖାଯାଉଥିବା ଅନେକ କଥା ସହସ୍ର ସହସ୍ର ବର୍ଷ ପୂର୍ବରୁ ଭାରତରେ କୁହାଯାଇଥିଲା, ଲେଖାଯାଇଥିଲା । ଟି.ଏସ୍.ଇଲିଅଟ୍ 'ଫୋର୍ କ୍ୱାର୍ଟେଟ୍ସ' କବିତାରେ କହନ୍ତି, 'ନଦୀ ଆତ୍ମାର, ସମୁଦ୍ର ପରମାତ୍ମାର ପ୍ରତୀକ । ନଦୀ ସମୁଦ୍ର ଅଭିମୁଖେ ଗତି କରୁଥିଲା ଭଳି ଆତ୍ମା ପରମାତ୍ମା ଅଭିମୁଖେ ଗତିଶୀଳା' ହଜାର ହଜାର ବର୍ଷ ପୂର୍ବରୁ ବ୍ୟାସଦେବ 'ମହାଭାରତ'ରେ ଲେଖିଥିଲେ, 'ଆତ୍ମା ନଦୀ ସଂଯମ ପୁଣ୍ୟତୀର୍ଥା ସତ୍ୟୋଦକା ଶୀଳତଟା ଦୟୋର୍ମିଃ / ତତ୍ରାଽଭିଷେକଂ କୁରୁ ପାଣ୍ଡୁ ପୁତ୍ର ନ ବାରିଣା ଶୁଦ୍ଧ୍ୟତି ଚାନ୍ତରାତ୍ମା । ଟି.ଏସ୍.ଇଲିଅଟ୍ 'ଦି ୱେଷ୍ଟ୍ ଲ୍ୟାଣ୍ଡ' କବିତାରେ ବି ଉଲ୍ଲେଖ କଲେ ଉପନିଷଦର କେତୋଟି ସଂସ୍କୃତ ଶବ୍ଦକୁ ଇଂରାଜୀ ଅକ୍ଷରରେ : 'ଦତ୍ତ, ଦୟାଧ୍ୱମ୍, ଦମ୍ୟତା' (ଦାନ କର, ଦୟା କର, ସଂଯମ ଆଚରଣ କର), 'ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ' । କେବଳ ସେତିକି ନୁହେଁ, ଭାରତୀୟ କଳାର ଅନ୍ତଃରାଷ୍ଟ୍ରୀୟ ପ୍ରଭାବ କିଭଳି ରହିଛି, ତାହା ଓଁକାରନାଥ ଠାକୁର ଓ ବିସ୍‌ମିଲ୍ଲା ଖାନ୍‌ଙ୍କୁ ଦୃଷ୍ଟାନ୍ତ ସ୍ୱରୂପ ନେଇ ବିଚାର କରାଯାଇପାରେ । ଏକଦା ଓଁକାରନାଥ ଠାକୁର ଇଟାଲୀରେ ସଙ୍ଗୀତ ପରିବେଷଣ କରୁଥିବା ସମୟରେ ଇଟାଲୀର ତତ୍କାଳୀନ ଶାସକ ମୁସୋଲିନି ତାଙ୍କୁ କହିଲେ, 'ଅତିଶୟ କର୍ମଚାପ ହେତୁ ମତେ ଭଲ ନିଦ ହେଉନାହିଁ । ଏଭଳି ଭାରତୀୟ ସଙ୍ଗୀତ ଅଛି କି ଯାହାକୁ ଆପଣ ଗାଇବେ ଓ ମୁଁ ତାକୁ ଶୁଣି ଶାନ୍ତିରେ ଶୋଇପାରିବି ?' ଓଁକାରନାଥ ଶାସ୍ତ୍ରୀୟ ସଙ୍ଗୀତ ଗାଇଲେ ଓ ମୁସୋଲିନି ତାକୁ ଶୁଣିଲା ପରେ ଦୀର୍ଘ ସମୟ ଶୋଇପାରିଲେ । ଥରେ ବିସ୍‌ମିଲ୍ଲା ଖାନ୍ ଆମେରିକାରେ ସାହାନାଇ ବାଦନ କରୁଥିବା ସମୟରେ ଆମେରିକୀୟ ପ୍ରଶାସନ ତରଫରୁ ତାଙ୍କୁ ଅନୁରୋଧ କରାଗଲା, 'ଆପଣ ଆମ ଦେଶରେ ରହି ସାହାନାଇ ବାଦନ ଶିକ୍ଷା ଦିଅନ୍ତୁ ।' ବିସ୍‌ମିଲ୍ଲାଜୀ ଉତ୍ତରଦେଲେ, 'ମୁଁ କେବଳ ଭାରତରେ ଗଙ୍ଗାନଦୀ କୂଳରେ ହିଁ ରହିବି, ଯେହେତୁ ଗଙ୍ଗାନଦୀ ଜଳଧାରାର କଳକଳ ଧ୍ୱନିରୁ ମୁଁ ସଙ୍ଗୀତ ସାଧନା ପାଇଁ ପ୍ରେରଣା ଲାଭ କରିଛି ।' ଶାସ୍ତ୍ରୀୟ ସଙ୍ଗୀତ, ସାହାନାଇ ସ୍ୱରରେ ଯେଉଁ ମହାଭାରତୀୟ ଚେତନାଟି ରହିଛି ତାହାହିଁ ବିଦେଶୀମାନଙ୍କ ମନୋଭୂମିକୁ ଗୋଟେ ସାତ୍ତ୍ୱିକ ଭାବ ଭାବନାରେ ସିକ୍ତ କରୁଛି। ସଙ୍ଗୀତଜ୍ଞ ଓ ବାଦ୍ୟଯନ୍ତ୍ରର ସ୍ୱର ଭଳି ଜଣେ ସନ୍ଥଙ୍କ ସ୍ୱରରେ ମଧ୍ୟ ଚୁମ୍ବକତ୍ୱ ଥିଲା । ସେ ହେଲେ ସ୍ୱାମୀ ବିବେକାନନ୍ଦ । ଚିକାଗୋର ବିଶ୍ୱ ଧର୍ମ ମହାସଭାରେ ତାଙ୍କ ସ୍ୱରର ଗମ୍ଭୀରତା, ସ୍ମୃତିର ପ୍ରଖରତା, ବକ୍ତବ୍ୟର ଗଭୀରତା ଭିତରେ ବିଶ୍ୱବାସୀ ଅନୁଭବ କରିଥିଲେ, ଆକଳନ କରିଥିଲେ ଗୋଟେ ସ୍ୱୟଂସଂପୂର୍ଣ୍ଣ ମହାଭାରତୀୟତା, ଅନ୍ତର୍ଭେଦୀ ସାତ୍ତ୍ୱିକତା, ଯାହାର ଆଧାର ଥିଲା ବୈଦାନ୍ତିକ ଦର୍ଶନ । ଦକ୍ଷିଣ ଆଫ୍ରିକାରେ ଓ ପରବର୍ତ୍ତୀ ସମୟରେ ଭାରତବର୍ଷରେ ମହାତ୍ମା ଗାନ୍ଧିଙ୍କ କାର୍ଯ୍ୟଧାରାରେ ଅହିଂସା ଓ ସତ୍ୟାଗ୍ରହର ଅବଲମ୍ବନ ଥିଲା ସେହି ମହାଭାରତୀୟତା ଓ ସାତ୍ତ୍ୱିକତାର ଶୁଦ୍ଧ ପ୍ରକଟନ । ଉଭୟ ବିବେକାନନ୍ଦ ଓ ମହାତ୍ମା ଗାନ୍ଧିଙ୍କ ଉଚ୍ଚାରଣ ଥିଲା ମହାର୍ଘ ମହାଭାରତୀୟ ଚେତନାର ଚିନ୍ମୟ ମନ୍ତ୍ର । ସେହି ଚେତନାର ପ୍ରଭାବ ସ୍ପଷ୍ଟ ଅଭିବ୍ୟକ୍ତ ହୋଇଥିଲା ଭାରତରେ ସ୍ୱାଧୀନତା ଆନ୍ଦୋଳନ କାଳରେ । ଆମେରିକାରୁ ଲୁଇ ଫିସର୍ ଧାଇଁ ଆସିଥିଲେ ଭାରତକୁ ଗାନ୍ଧିଙ୍କ ଜୀବନ-ଚରିତ ଲିପିବଦ୍ଧ କରିବା ଉଦ୍ଦେଶ୍ୟରେ ଓ ଲେଖିଲେ ଖଣ୍ଡେ ବହି 'ଗାନ୍ଧି : ହିଜ୍ ଲାଇଫ୍ ଆଣ୍ଡ ମେସେଜ୍ ଫର୍ ଦି ୱାରଲ୍ଡ଼' । ଇଂଲଣ୍ଡର ଫେନର୍ ବ୍ରୋକ୍‌ୱେ ଗାନ୍ଧିଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କଲେ ଓ ତାଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ଉପନିବେଶବାଦ, ସାମ୍ରାଜ୍ୟବାଦ, ଆଣବିକ ଅସ୍ତ୍ର ଓ ଆମିଷ ଭକ୍ଷଣ ବିରୋଧରେ ଜନ-ସଚେତନତା ସୃଷ୍ଟି କଲେ । ଜର୍ମାନୀର ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଗାନ୍ଧି-ଦର୍ଶନରେ ପ୍ରଭାବିତ ହୋଇ ତାଙ୍କୁ ଜଣେ 'ସନ୍ଥ' ରୂପରେ ଗ୍ରହଣ କଲେ। ଫ୍ରାନ୍ସର ରୋମାଁରୋଲାଁ ଗାନ୍ଧି କିଭଳି ମହାତ୍ମା ହେଲେ ବୋଲି ବିଶ୍ଳେଷଣ କରି 'ମହାତ୍ମା ଗାନ୍ଧି' ଶୀର୍ଷକ ବହିଟିଏ ଲେଖିଲେ । ଗାନ୍ଧିଙ୍କର ମହାନୁଭବତା ଥିଲା ତାଙ୍କ ଗ୍ରହଣଶୀଳତାରେ । ସେ ଗ୍ରହଣ କରିଥିଲେ ଆମେରିକାର ହେନରୀ ଡାଭିଡ୍ ଥରୋଙ୍କ 'ସିଭିଲ୍ ଡିସ୍‌ଓବିଡିଏନ୍ସ' ପ୍ରବନ୍ଧରୁ ରାଜନୀତିର ସାର, ଇଂଲଣ୍ଡର ଜନ୍ ରସ୍କିନ୍‌ଙ୍କ 'ଅଣ୍ଟୋ ଦିସ୍ ଲାଷ୍ଟ' ପୁସ୍ତକରୁ ଅର୍ଥନୀତିର ସାର, ରୁଷିଆର କାଉଣ୍ଟ ଲିଓ ଟଲଷ୍ଟୟଙ୍କ 'ଦି କିଙ୍ଗ୍‌ଡମ୍ ଅଫ୍ ଗଡ୍ ଇଜ୍ ଉଇଦିନ୍ ଇଉ' ପୁସ୍ତକରୁ ଆଧ୍ୟାତ୍ମିକତାର ସାର। ମହାଭାରତୀୟ ଚେତନା ସତ୍ୟ ଓ ଅହିଂସାକୁ ଗ୍ରହଣ କରିବାର ମାର୍ଗ ଦର୍ଶନ କରେ, ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ ବୋଲି ବିଚାର କରେ, ଯେକୌଣସି ରାଷ୍ଟ୍ରର ମହତ ବ୍ୟକ୍ତିଙ୍କ ମହତ ଚିନ୍ତନକୁ ଗ୍ରହଣ କରେ, ଯାହା ପ୍ରତିଫଳିତ ହୋଇଥିଲା ଭାରତର ସ୍ୱାଧୀନତା ଆନ୍ଦୋଳନରେ । ବୈଦିକ ଋଷିଙ୍କ କଣ୍ଠରୁ ଝରିଆସିଥିଲା ଅମୃତ ବଚନ, 'ବିଶ୍ୱକୁ ଆର୍ଯ୍ୟ ବା ଶ୍ରେଷ୍ଠ କର । ବ୍ୟକ୍ତି-ସମୁଦାୟ ଶ୍ରେଷ୍ଠ ହେଲେ ବିଶ୍ୱ ଶ୍ରେଷ୍ଠ ହେବ । ସତ୍ ମନୁଷ୍ୟ ହୁଅ, ସତ୍ ମନୁଷ୍ୟ ସୃଷ୍ଟି କର। ମନୁଷ୍ୟତ୍ୱ ଅର୍ଜନ କର । ମନୁଷ୍ୟତ୍ୱର ବୈଜୟନ୍ତୀ ଉର୍ଦ୍ଧ୍ୱରେ ଉତ୍ତୋଳନ କର।' (ମନୁର୍ଭବ ଜନୟା ଦୈବ୍ୟଂ ଜନମ୍ / ଊର୍ଦ୍ଧ୍ୱଂ କୃଣ୍ୱନ୍ତୁ ଧ୍ୱରସ୍ୟ କେତୁମ୍) । ସ୍ୱାଧୀନତା ଆନ୍ଦୋଳନକୁ ଫଳପ୍ରଦ କରିଥିବା ଓ ସ୍ୱାଧୀନତା ପ୍ରାପ୍ତି ପରେ ରାଷ୍ଟ୍ର ଗଠନରେ ରଚନାତ୍ମକ ଭୂମିକା ଗ୍ରହଣ କରିଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ଜୀବନ-ଚରିତ ପଢ଼ିଲେ ଆମେ ଜାଣିପାରିବା ସେମାନେ କିଭଳି ଉପରୋକ୍ତ ମହାଭାରତୀୟ ଆଦର୍ଶରେ ନିଜ ନିଜର ଜୀବନକୁ ଗଢ଼ିଥିଲେ ଓ ସେପରି ଜୀବନ ଗଢ଼ିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିଲେ । ସେହି ସମସ୍ତଙ୍କ ଜୀବନ ଶ୍ରେଷ୍ଠତ୍ୱରେ ଅଧିରୂଢ଼ ହୋଇଥିଲା । 'ଶ୍ରୀମଦ୍‌ଭଗବତ୍ ଗୀତା'ରେ ବର୍ଣ୍ଣିତ 'କର୍ମଯୋଗ' ପରିସ୍ଫୁଟ ହୋଇଥିଲା ଗାନ୍ଧିଙ୍କ ଜୀବନରେ, ଯିଏ ଆଜୀବନ କର୍ମବାଦ ବା ସକ୍ରିୟତାବାଦ ଉପରେ ପ୍ରାଧାନ୍ୟ ଆରୋପ କରୁଥିଲେ। ଯେଉଁ କର୍ମବାଦ ପ୍ରତିଫଳିତ ହୋଇଥିଲା ବାଳଗଙ୍ଗାଧର ତିଳକଙ୍କ 'କେଶରୀ' ପତ୍ରିକା ସଂପାଦନାରେ, ବିନୋବାଙ୍କ 'ଭୂଦାନ ଯଜ୍ଞ'ରେ, ଜୟପ୍ରକାଶଙ୍କ 'ସର୍ବୋଦୟ ଆନ୍ଦୋଳନ'ରେ, ମଦନମୋହନ ମାଲବ୍ୟ, ସୟଦ୍ ଅହମ୍ମଦ ଖାନ୍, ଆବୁଲ୍ କଲାମ୍ ଆଜାଦ୍‌ଙ୍କ 'ଶୈକ୍ଷିକ ଉତ୍କର୍ଷ ସାଧନ'ରେ ଓ ସ୍ୱାଧୀନତାର ଉତ୍ତରକାଳରେ ଗଣେଶ ବାସୁଦେବ ମାଭଲଙ୍କର୍ ଓ ଅନନ୍ତଶୟନମ୍ ଆୟେଙ୍ଗର୍ ପ୍ରମୁଖଙ୍କ 'ପାର୍ଲାମେଣ୍ଟ ପରିଚାଳନା'ରେ । ଏମିତି ଶତ ଶତ ଦୃଷ୍ଟାନ୍ତ ରହିଛି। ରବୀନ୍ଦ୍ରନାଥ ଠାକୁରଙ୍କ 'ଗୀତାଞ୍ଜଳି' (ସଙ୍ଗ୍ ଅଫରିଙ୍ଗ୍) କବିତା-ପୁସ୍ତକରେ ଭୂମଣ୍ଡଳରୁ ନଭୋମଣ୍ଡଳ ପର୍ଯ୍ୟନ୍ତ, ଦେହ-ଦେବାଳୟରୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁଠି ଦିବ୍ୟତାର ସ୍ପର୍ଶ ରହିଛି । ସେଥି ସହିତ ରହିଛି ଭାରତର ପ୍ରଶସ୍ତି ଗାନ, ମହାଭାରତୀୟ ଚିନ୍ତନ ଓ ସ୍ୱାଧୀନତା ପ୍ରାପ୍ତି ନିମିତ୍ତ ପ୍ରତ୍ୟୟ, ପ୍ରେରଣା, ପ୍ରାର୍ଥନା। ରବୀନ୍ଦ୍ରନାଥ ମହାଭାରତୀୟ ଚେତନା ସହିତ ସ୍ୱାଧୀନତାକୁ ଯୋଡ଼ିଦେଇ 'ଗୀତାଞ୍ଜଳି' ପୁସ୍ତକଟିକୁ ଗୋଟେ ବୈଶ୍ୱିକ ବିଭୂତିରେ ରୂପାନ୍ତରିତ କରି ଦେଇଛନ୍ତି । ବିଶେଷତଃ 'ହୋୟାର୍ ଦି ମାଇଣ୍ଡ ଇଜ୍ ଉଇଦାଉଟ୍ ଫିୟର୍' କବିତାରେ ସେ ଦେଖିବାକୁ ଚାହିଁଛନ୍ତି ଗୋଟେ ସ୍ୱାଧୀନ ରାଷ୍ଟ୍ର ଯେଉଁଠି ମଣିଷର ମନ ଭୟରୁ ମୁକ୍ତ ହୋଇଥିବ, ମଣିଷ ତା'ର ମଥା ଉନ୍ନତ କରି ବାଟ ଚାଲୁଥିବ ଓ ସତ୍ୟବାକ୍, ବିବେକୀ ହୋଇଥିବ, ଜ୍ଞାନର ଦ୍ୱାର ସଦା ଉନ୍ମୁକ୍ତ ରହିଥିବ, ସମାଜକୁ ବିଭାଜିତ କରୁଥିବା ସଂକୀର୍ଣ୍ଣତା ନଥିବ, ଅନ୍ଧବିଶ୍ୱାସ, କୁସଂସ୍କାର ନଥିବ ଇତ୍ୟାଦି । ଏସବୁ ତ ପ୍ରଶସ୍ତ ମହାଭାରତୀୟତା ଓ ତନ୍ମଧ୍ୟସ୍ଥ ଉଦାର ମାନବୀୟ ଆବେଦନ, ଯାହାକୁ ପଢ଼ି ଆୟାର୍ଲ୍ୟାଣ୍ଡର କବି ଉଇଲିୟମ୍ ବଟ୍‌ଲର୍ ୟେଟ୍ସ ମଧ୍ୟ ଭାବବିହ୍ୱଳ ହେଇଗଲେ । ମହାଭାରତୀୟ ଚେତନାର ଧ୍ୱନି ସମଗ୍ର ବିଶ୍ୱରେ ଯେଭଳି ଆମ ସ୍ୱାଧୀନତା ଆନ୍ଦୋଳନରେ ସେହିଭଳି ପ୍ରତିଧ୍ୱନିତ ହୋଇଛି । ସେହି ଚେତନା ଆମକୁ ଉଦ୍‌ବୁଦ୍ଧ କରିଛି ସତ୍ୟ ଓ ଅହିଂସା ବଳରେ ବିଦେଶୀ ଶାସନରୁ ନିଜକୁ ମୁକ୍ତ କରିବାକୁ, ବିଶ୍ୱ-ଚିନ୍ତକମାନଙ୍କର ମହତ୍ ଚିନ୍ତାକୁ ଗ୍ରହଣ କରିବାକୁ, କର୍ମଯୋଗୀ ହୋଇ ମୂଲ୍ୟବୋଧଯୁକ୍ତ ଜୀବନ ବଞ୍ଚିବାକୁ, ସାର୍ବଜନିକ ମଙ୍ଗଳ ନିମିତ୍ତ ସାତ୍ତ୍ୱିକତାର ପ୍ରୟୋଗ କରିବାକୁ । କେବଳ ମୂଲ୍ୟବୋଧ ହିଁ ସ୍ୱାଧୀନତାର ରକ୍ଷାକବଚ, ଏ ହେଉଛି ମହାଭାରତୀୟ ଚେତନାର ଉଦ୍‌ଘୋଷଣା ।

# ଭାରତର ଜାତୀୟ ପତାକା ଓ ତା'ର ଇତିହାସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ଭାରତର ଜାତୀୟ ପତାକା ସଂପୂର୍ଣ୍ଣ ଭାରତ ଦେଶକୁ ପ୍ରତିନିଧିତ୍ୱ କରୁଥିବା ଏକ ପତାକା ଅଟେ। ପତାକାଟି ଏକ ନିର୍ଦ୍ଦିଷ୍ଟ ଶୈଳୀରେ ନିର୍ମିତ, ଯାହାର ପ୍ରତିଟି ଅଂଶର ନିର୍ଦ୍ଦିଷ୍ଟ ଅର୍ଥ ରହିଛି । ଭାରତର ରାଷ୍ଟ୍ରୀୟ ଧ୍ୱଜା ଭାରତର ସ୍ୱତନ୍ତ୍ରତା ସଂଗ୍ରାମ ସମୟରେ ତିଆରି ହୋଇଥିଲା। ୧୮୫୭ରେ ସ୍ୱାଧୀନତା ପୂର୍ବରୁ ସଂଗ୍ରାମ ସମୟରେ ଭାରତର ରାଷ୍ଟ୍ରୀୟ ଧ୍ୱଜର ନିର୍ମାଣ କରିବାର ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଥିଲା କିନ୍ତୁ ଆନ୍ଦୋଳନ ପାଇଁ ମଝିରେ ଅଟକିଯାଇଥିଲା । ଭାରତର ରାଷ୍ଟ୍ରୀୟ ଧ୍ୱଜ ଆଜି ଯେଉଁ ରୂପରେ ଅଛି, ବର୍ତ୍ତମାନର ରୂପକୁ ପହଂଚିବା ପାଇଁ ଅନେକ ଚରଣ ଦେଇ ଆସିଛି। ଭରତର ଜାତୀୟ ୧୯୪୭ ମସିହା ଜୁଲାଇ ୨୨ ତାରିଖରେ ପିଙ୍ଗଳି ଭେଙ୍କୟାଙ୍କଦ୍ୱାରା ପ୍ରସ୍ତୁତ ହୋଇଥିଲା। ଲାଲ କିଲ୍ଲା ଦିଲ୍ଲୀ ଠାରେ ଭାରତୀୟ ପତାକା ୨୬ ଜାନୁୟାରୀ ୨୦୦୨ରେ ଜାତୀୟ ପତାକା କୋଡରେ ସଂଶୋଧନ କରାଯାଇଥିଲା। ଜଣେ ନାଗରିକ ବା ଯେକୌଣସି ସରକାରୀ ଓ ବେସରକାରୀ ଅନୁଷ୍ଠାନ ଜାତୀୟ ପତାକା ଉଡ଼ାଇ ପାରିବେ ବୋଲି ଆଇନ୍ ପ୍ରଣୟନ ହେଲା। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଯେକୌଣସି ଦିନ ପତାକା ଉତ୍ତୋଳନ କରିପାରିବେ । ପତାକାର ଗରିମା ଯେପରି କ୍ଷୁଣ୍ଣ ନହୁଏ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ବିଦେଶୀ ନାଗରିକମାନେ ମଧ୍ୟ ଭାରତ ମଧ୍ୟରେ ପତାକା ଉତ୍ତୋଳନ କରିପାରିବେ । ସେମାନଙ୍କ ଘର ବା କାର୍ଯ୍ୟାଳୟ ଉପରେ ପତାକା ଲଗାଇ ପାରିବେ । କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପୃଥକ୍ ଭାବେ ଜାତୀୟ ପତାକା ବ୍ୟବହାର କରିପାରିବେ ନାହିଁ। ଏହା ବ୍ୟତୀତ ଜାତୀୟ ପତାକାରେ କୌଣସି ପୋଷାକ କିମ୍ବା ଅନ୍ୟ ବ୍ୟବହୃତ ପରିଧାନ ସାମଗ୍ରୀରେ ପ୍ରସ୍ତୁତ କରିବା ଉଚିତ୍ ନୁହେଁ । ପାଗ ଯେପରି ହେଉ ନା କାହିଁକି ସୂର୍ଯ୍ୟୋଦୟ ପରଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାତୀୟ ପତାକା ଉଡ଼ାଇବା ବିଧି ରହିଛି । ପତାକାକୁ ଭୂମିରେ ଛୁଆଁଇବା କିମ୍ବା ପାଣିରେ ବୁଡ଼ାଇବା ବେଆଇନ । କୌଣସି ଗାଡି, ଟ୍ରେନ, ପାଣି ଜାହାଜ ଓ ଉଡ଼ାଜାହାଜରେ ଜାତୀୟ ପତାକା ଲଗାଇବା ଉଚିତ୍ ନୁହେଁ। ପତାକାଠାରୁ ଉଚ୍ଚରେ ଅନ୍ୟ କୌଣସି ଜିନିଷ ରଖିବା ବେଆଇନ । ଖଦି କିମ୍ବା ହସ୍ତତନ୍ତରେ ଜାତୀୟ ପତାକା ତିଆରି ହେବା ଆବଶ୍ୟକ । ଅନ୍ୟ କୌଣସି ସାମଗ୍ରୀରେ ପତାକା ପ୍ରସ୍ତୁତ କରିବା ବେଆଇନ । ଏହିପରି ଭାରତର ଜାତୀୟ ପତକାର ରୂପ, ରଙ୍ଗ, ନିୟମ, ବିଧି ଓ ଆଇନ୍ ଶୃଙ୍ଖଳାର ବ୍ୟବସ୍ଥା କରାଗଲା। ୧୯୪୭ ମସିହା ନଭେମ୍ବର ୨୧ ତାରିଖରେ ଲୋକାର୍ପିତ ସ୍ୱାଧୀନ ଭାରତର ପ୍ରଥମ ଷ୍ଟାମ୍ପରୂପେ ଭାରତୀୟ ଜାତୀୟ ପତାକା ଭାରତୀୟ ସ୍ୱାଧୀନତା କ୍ରାନ୍ତି ସମୟ ମଧ୍ୟରେ ଭାରତୀୟ ପତାକାର ନକ୍ସା ବହୁତ ପରିବର୍ତ୍ତନ ଦେଇ ଗତି କରିଥିଲା। ୧୮୫୭ ମସିହା ବିଦ୍ରୋହ ସମୟରେ ପ୍ରଥମେ ଜଣେ ଇଂରେଜ ଶାସକଙ୍କଦ୍ୱାରା ଭାରତର ଏକକୀୟ ପତାକା ନିର୍ମାଣର ପ୍ରସ୍ତାବ ଆସିଥିଲା। ଅତୀତରେ ବହୁ ପରିବର୍ତ୍ତନ ଘଟିବା ପରେ ଶେଷରେ ସ୍ୱାଧୀନ ଭାରତର ଜାତୀୟ ପତାକା ଭାବେ ତ୍ରିରଙ୍ଗାକୁ ଗ୍ରହଣ କରାଯାଇଛି । ପ୍ରଥମ ଭାରତ ଜାତୀୟ ପତାକା ୧୯୦୪ରେ ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ଭଗିନୀ ନିବେଦିତା ଦ୍ୱାରା ପ୍ରସ୍ତୁତ ହୋଇଥିଲା। ୭ ଅଗଷ୍ଟ ୧୯୦୬ରେ ପାରସୀ ବାଗାନ ଛକ ତଥା ଗ୍ରୀନ ପାର୍କ କଲିକତାରେ ଏହାକୁ କଂଗ୍ରେସ ଅଧିବେଶନରେ ଉତ୍ତୋଳନ କରାଯାଇଥିଲା। ଏହି ଧ୍ୱଜାକୁ ନାଲି, ହଳଦିଆ ଓ ସବୁଜ ରଙ୍ଗର ସମସ୍ତରୀୟ ପଟ୍ଟିରେ ତିଆରି କରାଯାଇଥିଲା । ଉପର ସ୍ତରରେ ସବୁଜ ପଟ୍ଟିରେ ୮ଟି ପଦ୍ମ ଥିଲା ଓ ନିମ୍ନ ସ୍ତରରେ ନାଲି ପଟ୍ଟିରେ ସୂର୍ଯ୍ୟ ଓ ଚନ୍ଦ୍ର ଅଙ୍କିତ କରାଯାଇଥିଲା । ମଧ୍ୟଭାଗର ହଳଦିଆ ପଟ୍ଟିରେ ବନ୍ଦେ ମାତରମ୍ ଲେଖାଯାଇଥିଲା। ଦ୍ୱିତୀୟ ଜାତୀୟ ପତାକା ଜର୍ମାନୀର ଷ୍ଟୁଟଗାର୍ଟ ସହରରେ ୧୯୦୭ ମସିହା ଅଗଷ୍ଟ ୨୨ ରେ ଦ୍ୱିତୀୟ ଧ୍ୱଜାକୁ ପ୍ୟାରିସରେ ମେଡମ କାମା ଓ ତାଙ୍କ ସହ ନିର୍ବାସିତ କରାଯାଇଥିବା କିଛି କ୍ରାନ୍ତିକାରୀଙ୍କ ଦ୍ୱାରା ଉତ୍ତୋଳନ କରାଯାଇଥିଲା । ଏହି ଧ୍ୱଜା ପ୍ରଥମ ଧ୍ୱଜା ଭଳି ହିଁ ଥିଲା। ଏହାକୁ ସେତେବେଳେ ସପ୍ତର୍ଷି ପତାକା କୁହାଯାଉଥିଲା । ୧୯୦୬ ପତାକାଠାରୁ ଏହା ଦେଖିବାକୁ ଟିକେ ଭିନ୍ନ ଥିଲା । ଏହି ପତାକାର ଉପରେ ପଦ୍ମ ଚିହ୍ନ ଓ ସପ୍ତର୍ଷିଙ୍କୁ ଦର୍ଶାଉ ଥିବା ୭ଟି ତାରା ଥିଲା । ତୃତୀୟ ଜାତୀୟ ପତାକା ୧୯୧୭ରେ ଭାରତୀୟ ରାଜନୈତିକ ସଂଘର୍ଷ ଏକ ନିଶ୍ଚିତ ଦିଗ ନେଲା ତଥା ଡା. ଆନିବେଶାନ୍ତ ଓ ଲୋକମାନ୍ୟ ତିଳକ ଘରୋଇ ଶାସନ ଆନ୍ଦୋଳନ ସମୟରେ ଉତ୍ତୋଳନ କରିଥିଲେ । ଏହି ଧ୍ୱଜାରେ ୫ଟି ନାଲି ଓ ୪ଟି ସବୁଜ ସମସ୍ତରୀୟ ପଟ୍ଟି ଗୋଟିଏ ପରେ ଗୋଟିଏ ଏବଂ ସପ୍ତରଷିର ଅଭିବିନ୍ୟାସରେ ଏହା ଉପରେ ୭ଟି ତାରା ରହି ଥିଲା । ଉପର ତଟରେ ବାମ ପଟେ ୟୁନିୟନ ଜ୍ୟାକ ଥିଲା ଓ ଗୋଟିଏ କୋଣରେ ଧଳା ଅର୍ଦ୍ଧଚନ୍ଦ୍ର ଓ ତାରା ମଧ୍ୟ ଥିଲା। ୧୯୨୧ ମସିହାରେ ଆନ୍ଧ୍ର ପ୍ରଦେଶର ବିଜୟୱାଡାରେ ଜାତୀୟ କଂଗ୍ରେସ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ପିଙ୍ଗଳି ଭେଙ୍କୟା ନାମକ ଆନ୍ଧ୍ର ପ୍ରଦେଶର ଜଣେ ଯୁବକ ଭାରତୀୟ ଜାତୀୟ ପତାକାର ଏକ ଡିଜାଇନ ପ୍ରସ୍ତୁତ କରି ମହାତ୍ମା ଗାନ୍ଧୀଙ୍କୁ ପ୍ରଦାନ କରିଥିଲେ । ଏହି ପତାକାରେ ଲାଲ ଓ ସବୁଜ ଏହିପରି ୨ଟି ରଙ୍ଗ ଥିଲା । ଏହି ଦୁଇ ରଙ୍ଗ ହିନ୍ଦୁ ଓ ମୁସଲମାନ୍ ଦୁଇ ପ୍ରମୁଖ ଧର୍ମର ପ୍ରତୀକ ଥିଲା । ତେବେ ଏହି ଦୁଇ ସମ୍ପ୍ରଦାୟକୁ ଛାଡି ଅନ୍ୟ ଧର୍ମାବଲମ୍ବିଙ୍କ ପାଇଁ ମଝିରେ ଧଳା ରଙ୍ଗ ଦେବାକୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ୧୯୩୧ରେ କେଶରୀ, ଧଳା ଓ ସବୁଜ ରଙ୍ଗରେ ଜାତୀୟ ପତାକା ତିଆରି କରାଯାଇଥିଲା । ପତାକାର ମଝିରେ ଅରଟ ଚିହ୍ନ ଥିଲା । ତେବେ ଏହି ପତାକାର ପରିବର୍ତ୍ତନ କରାଯାଇଥିଲା । ଶେଷରେ ପତାକାର ଶୀର୍ଷ ଭାଗରେ କେଶରୀ, ମଝିରେ ଧଳା ଓ ନିମ୍ନ ଭାଗ ଘନ ସବୁଜ ରଙ୍ଗ ଓ ସମସ୍ତ ରଙ୍ଗ ସମାନ ପ୍ରକାକାର ଆୟତନରେ ସଜ୍ଜିତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ପତାକାର ମଝିରେ ୨୪ଟି ଅର ବିଶିଷ୍ଟ ନୀଳ ରଙ୍ଗର ଚକ୍ର ରହିବା ଆବଶ୍ୟକ । ଏହି ଆକୃତିର ପତାକାକୁ ୨୨ ଜୁଲାଇ ୧୯୪୭ରେ ସାମ୍ବିଧାନିକ କମିଟି ଗ୍ରହଣ କରି ନେଇଥିଲା। ସେହିଦିନ ଠାରୁ ଭାରତର ଜାତୀୟ ପତାକାକୁ ତ୍ରିରଙ୍ଗା କୁହାଯାଉଛି । ପତାକାର ଉପରେ ନାରଙ୍ଗୀ, ମଝିରେ ଧଳା ଓ ତଳେ ସବୁଜ ରହିଛି । ମଝିରେ ଥିବା ଧଳା ରଙ୍ଗ ଉପରେ ୨୪ ଅଖ ଥିବା ଅଶୋକ ଚକ୍ର ମଧ୍ୟ ରହିଛି । ପତାକାର ଉପରେ ଥିବା କେଶରୀ ରଙ୍ଗ ଦେଶବାସୀଙ୍କ ସାହସ ଓ ବୀରତ୍ୱକୁ ସୂଚାଇ ଥାଏ । ସେହିରି ମଝିରେ ଥିବା ଧଳା ରଙ୍ଗ ସତ୍ୟ ଓ ଶାନ୍ତିର ପ୍ରତୀକ ଏବଂ ନିମ୍ନରେ ଥିବା ଘନ ସବୁଜ ରଙ୍ଗ ଭ୍ରାତୃତ୍ୱର ପ୍ରତୀକ ବହନ କରେ । ମଝିରେ ଥିବା ଅଶୋକ ଚକ୍ର ଦେଶର ପ୍ରଗତିକୁ ସୂଚାଇ ଥାଏ । ପତାକାର ମଝିରେ ଶୋଭା ପାଉଥିବା ଅଶୋକ ଚକ୍ର ବା ଧର୍ମ ଚକ୍ର ଦେଶ ପ୍ରଗତିର ପ୍ରତୀକ । ଏଥିରୁ ନାଗରିକଙ୍କୁ ଦେଶ ଭକ୍ତିର ପ୍ରେରଣା ମିଳିଥାଏ । ମୌର୍ଯ୍ୟ ସମ୍ରାଟ ଅଶୋକ ସାରନାଥଠାରେ ଏକ ସିଂହ ସହ ଏହି ଚକ୍ରର ନିର୍ମାଣ କରିଥିଲେ । ଏହାର ସବୁ ରଙ୍ଗ ମହାନତାର ପ୍ରତୀକ ଅଛି ।

# କାନ୍ତ କବିଙ୍କ ଦୃଷ୍ଟିରେ ଗାନ୍ଧିବାଦ ଓ ଆଜିର ରାଜନୀତି



ଉମାଶଙ୍କର ପ୍ରସାଦ
ସମ୍ପାଦକ ମାର୍ଗଦର୍ଶୀ
ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

ଏଥର ଦେଶବାସୀ ପାଳନ କରୁଛନ୍ତି ୭୮ ତମ ସ୍ୱାଧୀନତା ଦିବସ। ଏହି ଦିବସକୁ ଆମକୁ ପ୍ରଦାନ କରିବାରେ ଯିଏ ଜୀବନର ସର୍ବସ୍ୱ ତ୍ୟାଗ କରି ଥିଲେ ସିଏ ହେଉଛନ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ। ଗାନ୍ଧୀଙ୍କୁ ନେଇ ସେଦିନ ନିଜ ଲେଖନୀର କାଉଁରି ସ୍ପର୍ଶରେ ସମଗ୍ର ଦେଶବାସୀଙ୍କୁ ଏକତାର ସୂତ୍ରରେ ଯିଏ ଅଭିମନ୍ତ୍ରୀତ କରିଥିଲେ ସେ ଥିଲେ ଓଡିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯାହାଙ୍କ ରଚିତ 'ଜୀବନ ସଙ୍ଗୀତ' ଏକ ଅମଳିନ କୀର୍ତ୍ତି। ପ୍ରଭୁ ଆଶୁତୋଷ ଭଗବାନ ଶିବ ନିଜେ ବିଷ ପାନ କରି ସମଗ୍ର ବିଶ୍ୱକୁ ଅମୃତ ପରିବେଶଣ କରିବା ପରି କାନ୍ତ କବି ନିଜ ଜୀବନର ସମସ୍ତ ବାଧାବିଘ୍ନ, ଅଭାବ ଅନାଟନ, ରୋଗ ଶୋକ ରୂପକ ବିଷକୁ ହସି ହସି ପାନ କରି ସମଗ୍ର ଦେଶ ବାସୀଙ୍କୁ ନିଜର କାନ୍ତ କୋମଳ ପଦାବଳୀ ଦ୍ୱାରା ଆନନ୍ଦ ରୂପକ ଅମୃତ ପରିବେଷଣ କରିଛନ୍ତି। ମାତ୍ର କେତୋଟି ମୂହୁର୍ତ୍ତର ଅତିଥି କାନ୍ତ କବି ତାଙ୍କର ସୀମିତ ରହଣୀ ମଧ୍ୟରେ ସମଗ୍ର ଓଡିଆ ଜାତିକୁ 'ଜୀବନ ସଙ୍ଗୀତ' -ରୂପକ ଯେଉଁ ମାଳତୀ ଉପହାର ଦେଇ ଯାଇଛନ୍ତି ତାହା ଅଦ୍ୟାବଧି ନିଜର ସୁବାସ ଦ୍ୱାରା କୋଟି କୋଟି ଜନତାଙ୍କୁ ଆମୋଦିତ କରୁଛି। କାନ୍ତକବି କେବଳ କାନ୍ତ-କୋମଳ ପଦାବଳୀର ରଚୟିତା ନୁହଁନ୍ତି, ପରନ୍ତୁ ଜଣେ ଉଗ୍ର ଜାତିୟତା ବାଦୀ କବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବା ପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀ ଆତ୍ମବଳୀ ଦେବାକୁ ପ୍ରସ୍ତୁତ ହୋଇଥିଲେ, ଜାତିର ମାନସିକ ସ୍ତରରେ ମୁକ୍ତିର ଆଶା ଓ ଆକାଂକ୍ଷା ବଳବତ୍ତର ହୋଇ ଉଠିଥିଲା। ଅଗ୍ନିରେ ଘୃତ ସଂଯୋଗ ପରି କାନ୍ତକବିଙ୍କ ଜାତୀୟ ସଂଗୀତ ଗୁଡିକ ସେହି ଆନ୍ଦୋଳନକୁ ଉଗ୍ରତର କରିଥିଲା। ସୁପ୍ତ ଓଡିଆ ଜାତିକୁ ନିଜର ଗୌରବାବହ ଅତୀତକୁ ମନେପକାଇ ସେ କହିଥିଲେ 'ଉଡାଇ ନିଶାଣ, ବଜାଇ ଭେରୀ-ଜଗାଇ ବିପୁଳ କମ୍ପ/ ମନ୍ତ୍ର ପୂତ ଅନଳ ଭେଦି ଏ ଜାତି- ଯେ ଦିନ ଦେଲାରେ ଲମ୍ଫ'। କେବଳ ପଦ୍ୟରେ ନୁହେଁ, ସେ ତାଙ୍କ 'କଣା ମାମୁଁ' ଉପନ୍ୟାସରେ ମଧ୍ୟ ଦେଶାତ୍ମବୋଧର ପରିଚୟ ପ୍ରଦାନ କରି ଯାଇଛନ୍ତି। ଯୁବ ସମ୍ପ୍ରଦାୟକୁ ଏକତ୍ରିତ କରି ସେମାନଙ୍କ ମାଧ୍ୟମରେ ଏକତା ସୃଷ୍ଟି କରି ଅନ୍ୟାୟର ପ୍ରତିବାଦ କରିଛନ୍ତି। ତତ୍କାଳୀନ ଅନ୍ୟାୟର ସିପାହୀଙ୍କୁ ମାଡ ମାରି ଅନ୍ୟାୟର ପ୍ରତିରୋଧ କରିଛନ୍ତି। ଲକ୍ଷ୍ମୀକାନ୍ତ ଗାନ୍ଧିଜୀଙ୍କ ଭାବଧାରା ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ କର୍ମପନ୍ଥାକୁ ପରୋକ୍ଷ ଭାବରେ ତାଙ୍କ ସୃଷ୍ଟି ମାଧ୍ୟମରେ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ବିଂଶ ଶତକର ଦ୍ୱିତୀୟ ଦଶକରେ ଗାନ୍ଧିଜୀ ଭାରତୀୟ ସମାଜରେ ସଂସ୍କାର ଆଣିବା ନିମିତ୍ତ ଚେଷ୍ଟା କରିଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁ ଭାରତୀୟ ବିଦ୍ୱାନ ଭାରତର ନବଜାଗରଣର ସୂତ୍ରପାତ କରିବାକୁ ବଦ୍ଧ ପରିକର ହୋଇଥିଲେ। ଓଡିଶାରେ ମଧ୍ୟ ଏହି ଆନ୍ଦୋଳନ ବ୍ୟାପକ ରୂପ ଗ୍ରହଣ କରିଥିଲା। କାନ୍ତ କବି ମଧ୍ୟ ଗାନ୍ଧିଜୀଙ୍କ ଆଦର୍ଶଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ 'ଲକ୍ଷ୍ମୀ ଚଣ୍ଢାଳୁଣୀ' ରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟକରା ଯାଇପାରେ। ଲକ୍ଷ୍ମୀକାନ୍ତ ଗାନ୍ଧିଜୀଙ୍କୁ ଏକ ବ୍ୟକ୍ତି ବିଶେଷ ଭାବରେ ଗ୍ରହଣ ନକରି ଏକ ମହାଭାବର ଆବାହକ ଭାବରେ ଗ୍ରହଣ କରିଛନ୍ତି। ତାଙ୍କ ଆହ୍ୱାନରେ ସୁପ୍ତ ଜାଗ୍ରତ ହୁଏ, ମୃତ ଜୀବନ୍ତ ରୂପ ନିଏ। କୋଟି କୋଟି ମାନବର ହୃଦୟରେ ତାଙ୍କର ସ୍ଥାନ। ମୁକ୍ତି ରୂପକ ଅମୃତ ଦାନ କରାଇ ସେ ସୁପ୍ତକୁ ଜାଗ୍ରତ କରିଛନ୍ତି, ମରଣଶୀଳକୁ କରିଛନ୍ତି ମରଣଜୟୀ। କେବଳ ତାଙ୍କ ନାମହିଁ କୋଟି ମଣିଷର ହୃଦୟର ଜାଗରଣ ସୃଷ୍ଟି କରିବାକୁ ସକ୍ଷମ। 'ଗାନ୍ଧୀ' କବିତାରେ ତାଙ୍କର ଏହି ଭାବଧାରାର ଚମତ୍କାରିତା ପ୍ରକାଶ ଲକ୍ଷ୍ୟ କରା ଯାଇପାରେ। - 'ଗାନ୍ଧୀ ଯେ ଏକ ଭାବର ଆବହ ମୂର୍ତ୍ତ ହୋଇଛି ଅମର ରାଗେ- ଝଙ୍କାର ଯାର କୋଟି ମାନବର / ଅନ୍ତର ତାର ଆପେ ସେ ଜାଗେ- ମରଣକୁ କରେ ଜୀବନ ଦାନ/ ଜୀବନ ଯହିଁରୁ ଅଳି ଭରି/ କରଇ ମୁକ୍ତି ପୀୟୂଷ ପାନ'। ଭାରତର ସ୍ୱାଧୀନତା ପୂର୍ବରୁ ରାଜନୀତିର ସଜ୍ଞା ଯାହା ଥିଲା, ସ୍ୱାଧୀନତାର ପରବର୍ତ୍ତୀ କାଳରେ ତା'ର ସଜ୍ଞା ବଦଳି ଯିବାକୁ ଲାଗିଲା। ଗାନ୍ଧିଜୀ ଭାରତବାସୀଙ୍କୁ ପ୍ରତିଶୃତି ଦେଇଥିଲେ ଗୋରା ଲୋକଙ୍କ ହାତରୁ ଶାସନ କ୍ଷମତା ଫେରି ଆସିଲେ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା ହେବ, ଜାତି ଜାତି ମଧ୍ୟରେ ବହୁ ଦିନରୁ ରହି ଆସିଥିବା ଜାତି-ଭେଦର ପ୍ରାଚୀର ଉଠିଯିବ, ଖଟି ଖିଆ ଓ ମୂଲିଆ ସମସ୍ତେ ସମାନ ଲାଭ କରିବେ। ଅନେକ ଦିନର ସଂଗ୍ରାମ ପରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଫେରିଆସିଲା ଓ ଯାହାକୁ ମନେପକାଇ ଆମେ ସମସ୍ତେ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଏହି ଜାତୀୟ ପର୍ବ ମହା ଆଡମ୍ବରରେ ପାଳନ କରୁଛୁ ମାତ୍ର ଗାନ୍ଧିଜିଙ୍କ 'ପ୍ରତିଶୃତି କେବଳ ପ୍ରତିଶୃତି'ରେ ରହି ଯାଇଛି ! ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଗଳଦଘର୍ମ ହୋଇ ବଡ ବଡ ଭାଷଣ ମାଧ୍ୟମରେ ସୁବର୍ଣ୍ଣ ଯୁଗର ସୂଚନା ଦେଉଥିଲେ, ସେମାନେ ଗାଦି ମାଡି ବସିବା ପରେ ଅତୀତର ସମସ୍ତ ପ୍ରତିଶୃତି ଭୁଲିଗଲେ। ଆଜି ଗୋରମାନଙ୍କ ବଦଳରେ କଳା ଭାରତୀୟ ମାନେ ସାଜିଛନ୍ତି ଶୋଷଣ ରାକ୍ଷସ, ଆମରି ଲୋକ ଯେଉଁମାନଙ୍କୁ ଆମେ ଆମର ନେତା ଭାବରେ ଚୟନ କଲୁ ସେମାନେ ଆମକୁ ଶୋଷଣ କରିବାରେ ଲାଗିଛନ୍ତି। ଚୟନକାରୀ ନେତାଙ୍କୁ ସାଧାରଣ ଜନତା ସାକ୍ଷାତ କରି ନିଜ ଗୁହାରି କହିବା କାଠିକର ପାଠ ହୋଇଯାଇଛି। ତାଙ୍କ ପାଖରେ ଥିବା ଆମ କଳା ଲୋକମାନେ ଆଦମ୍‌ଖୋର ରାକ୍ଷସଠୁ ବଳି ଯାଇଛନ୍ତି। ନେତା ମାନଙ୍କର କେବଳ ଭୋଟସମୟରେ ନିଜ ଚାଟୁକାର, ଚେଲା ଚପଟାଙ୍କୁ ଧରି ହାତ ଯୋଡା ମୁଦ୍ରାରେ ଦର୍ଶନ ମିଳିଥାଏ। ଭୋଟପରେ ତାଙ୍କଠୁ ମିଳିଥାଏ କେବଳ ଧିକାର ନିର୍ଯାତନା ଇତ୍ୟାଦି। କାନ୍ତ କବି ଏହାକୁ ଲକ୍ଷ୍ୟ କରି ତାଙ୍କ 'ଭୋଟ ଲଢେଇ' କବିତାରେ ଲେଖିଚନ୍ତି:-'ଗାନ୍ଧୀ କହିଥିଲେ ରାମ ରାଜ୍ୟ ହେବ ଫଳରେ ହୋଇଲା କିସ / ବାରଭୂତ ମିଳି ହାଣ୍ଡି ଖାଇଗଲେ ଏ ଆମ କରମ ଦୋଷଲୋ--- ଏବେ ଚେତିଲ ଭଲା, ଚାହୁଁ ଚାହୁଁ ତ ସବୁ ସରିଲାଲୋ। ସ୍ୱାଧୀନ ହୋଇଲା ଦେଶଟା ଆମର ପଳାଇଲେ ଗୋରା ଲୋକ / କଳା ଲୋକେ ଥୋକେ ଗାଦି ମାଡି ବସି, ଲାଖିଗଲେ ଯଥା ଜୋକଲୋ / ଆମ ଧାନ ଖାଇ ପେଟ କାଢିଲେ ଯେ ଗଣ୍ଡିକୁ କରିଲେ ମୋଟ / ଆଜି ଆସି ସିଏ ଦୁଆରେ ଦୁଆରେ ମାଗୁଛନ୍ତି ଦିଅ ଭୋଟ ଲୋ - ଇଏ ଥିଲେ ଟି କାହିଁ, ଦିନେ ମୁହଁ ଦେଖା ଥିଲା ନାହିଁ ଲୋ' ଏହା ହେଉଛି ଆଜିର ସ୍ୱାଧୀନ ଭାରତର ରାଜନୀତି। ଏହାକୁ ମୋ ମତରେ ରାଜନୀତି ନକହି ଗରିବ ମାରଣ ନୀତି କହିବା ଶତଗୁଣରେ ଶ୍ରେୟସ୍କର। ଆମେ ସ୍ୱାଧୀନ ବୋଲି ଗର୍ବ କରୁ କିନ୍ତୁ ଯଦି ନିଜ ଅନ୍ତରକୁ ପ୍ରଶ୍ନ କରାଯାଏ ତେବେ ପ୍ରକୃତରେ କ'ଣ ଆମେ ସ୍ୱାଧୀନ ? କାରଣ ଆଜି ରାଜନୀତିରୁ ଆଦର୍ଶ, ନ୍ୟାୟ ଓ ନୀତି ବିଦାୟ ନେଇ ତା ସ୍ଥାନରେ ପ୍ରବେଶ କରିଛି ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ତଥାପି ଆମେ ସ୍ୱାଧୀନ ଭାରତର ସନ୍ତାନ ଭାବେ ପାଳନ କରୁଛେ ୭୮ ତମ ସ୍ୱାଧୀନତା ଦିବସ। ସ୍ୱାଧୀନତା ଜାତିର ଅମୂଲ୍ୟ ସମ୍ପଦ। ବହୁ କଷ୍ଟରେ ଅର୍ଜିତ ଏହି ସମ୍ପଦର ସୁରକ୍ଷା ନିମିତ ଆମେ ସମସ୍ତ ଦେଶ ତଥା ରାଜ୍ୟ ବାସୀ ଆଗୁସର ହେବା ଦରକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଅଗଷ୍ଟ ୨୦୨୫ ରବିବାର







## ଓପିଜିସି ପକ୍ଷରୁ ସ୍ୱାଧୀନତା ଦିବସ ଉତ୍ସବ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୭୯ତମ ସ୍ୱାଧୀନତା ଦିବସ ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ୍‌ର ଫର୍ଚ୍ୟୁନ୍ ଟାୱାର୍ ଭୁବନେଶ୍ୱର ଠାରେ ଥିବା କର୍ପୋରେଟ୍ ଅଫିସ ଠାରେ ପାଳନ କରାଯାଇଥିଲା । ଏହି ଅବସରରେ କର୍ପୋରେସନ୍‌ର ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ ନିର୍ଦ୍ଦେଶକ (ଅର୍ଥ) ଗଗନ ବିହାରୀ ସ୍ୱାଇଁଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଶ୍ରୀ ପାଣ୍ଡୁ ନିଜର ଉଦ୍‌ବୋଧନରେ କର୍ମଚାରୀମାନଙ୍କୁ ଶକ୍ତି କ୍ଷେତ୍ରରେ ବିକଶିତ ଭାରତ ଅଭିଯାନରେ କରୁଥିବା ନିରନ୍ତର ପ୍ରୟାସ, ଚଉତରଫା ଏବଂ ବହୁମୁଖୀ ବିକାଶ ଓ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ । 'ହର ଘର ତ୍ରିରଙ୍ଗା' ଅଭିଯାନରେ ବ୍ୟକ୍ତିଗତ ଓ ଗୋଷ୍ଠୀ ସହଭାଗିତା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପାଣ୍ଡୁ ନିଜର ଅଭିଭାଷଣର ଶେଷରେ କର୍ମଚାରୀମାନଙ୍କୁ ଭବିଷ୍ୟତର ବାଧା ବିଘ୍ନକୁ ମୁକାବିଲା କରି ଓପିଜିସିକୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ କର୍ପୋରେସନ୍ କରିବା ଦିଗରେ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଥିଲେ ।

## ନୀଳାଦ୍ରି ବିହାର ବରିଷ୍ଠ ନାଗରିକ ପରିଷଦର ସ୍ୱାଧୀନତା ଦିବସ ପାଳନ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନୀଳାଦ୍ରି ବିହାର ସେକ୍ଟର ୫ର ବିଡ଼ିଏ ପାର୍କ ମଧ୍ୟରେ ୭୯ତମ ସ୍ୱାଧୀନତା ଦିବସ ପାଳନ କରାଗଲା । ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରି ସମବେତ ଶତାଧିକ ବରିଷ୍ଠ ନାଗରିକ, ଛାତ୍ର, ଗୃହିଣୀ ତଥା ଜନସାଧାରଣଙ୍କୁ ସମ୍ବୋଧନ ଦେଇ, ଭାରତର ପୁରାତନ ପରମ୍ପରାକୁ ମନେ ପକେଇ ଦେଇଥିଲେ । ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ ଜୀବନ ଦାନ କରି ଆମକୁ ଆଜି ସ୍ୱାଧୀନ କରିଛନ୍ତି ତାହା ଆଜି ମନେ ପକେଇବାର ଦିନ । ସାମ୍ପ୍ରତିକ ଆନ୍ତର୍ଜାତିକ ବିଷୟବସ୍ତୁକୁ ନଜର ପକେଇ କହିଥିଲେ ଯେ, ଭାରତ ଯେଉଁ ପ୍ରଦୋଶୀ ରାଷ୍ଟ୍ରମାନଙ୍କୁ ସାହାଯ୍ୟ କରିଆସିଛି, ସେମାନେ ଆଜି ଭାରତ ବିରୁଦ୍ଧରେ ବିଷୋଦ୍‌ଗାର କରୁଛନ୍ତି । ଯେଉଁ ଆମେରିକାକୁ ଭାରତ ବନ୍ଧୁତ୍ୱର ହାତ ବଢ଼େଇ ଥିଲା ସିଏ ବର୍ତମାନ ଭାରତର ଶତ୍ରୁ ରାଷ୍ଟ୍ର ସହ ବନ୍ଧୁତ୍ୱ କରିବାକୁ ଆଗଭର । ଅର୍ଥନୈତିକ କ୍ଷେତ୍ରରେ ଭାରତକୁ ଦଣ୍ଡିତ କରିବା ପାଇଁ ଆମେରିକା ଆଗଭର । ଭାରତର ଜି.ଡି.ପି. ହାର ଏହା ଦ୍ୱାରା ୦.୫% ନିମ୍ନଗାମୀ ହେବା ଉଜ୍ଜ୍ୱଳ ଦୃଶ୍ୟମାନ । ଭାରତ ବର୍ତମାନ ଜାପାନ ଠାରୁ ଆଗୁଆ ହେଲେ ବି ଆମେ ଦରିଦ୍ରତାର ମାନରେ ଏବେବି ୫୦ ତମ ସ୍ଥାନରେ । ଏପରି ପରିସ୍ଥିତିରେ ଭାରତୀୟ ମାନେ ନିଜର ଭାରତୀୟତାକୁ ବଜାୟ ରଖି, ଅଧିକ କର୍ମଠ ହୋଇପାରିଲେ, ନିଜ ନିଜ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନା କରିପାରିଲେ, ଭାରତ ତାର ପୂର୍ବ ସ୍ଥିତିକୁ ନିଶ୍ଚେ ଫେରି ଆସିପାରିବ । ସିଏ ପଡୋଶୀ ଚୀନ୍‌ର ଉଦାହରଣ ଦେଇ କହିଥିଲେ ଯେ, ଭାରତ ୧୯୪୭ରେ ସ୍ୱାଧୀନ ହେଲା ଓ ଚୀନ୍ ୧୯୪୯ରେ କମ୍ୟୁନିଷ୍ଟ ଏକଛତ୍ରବାଦରୁ ମୁକୁଳି ଥିଲା । କିନ୍ତୁ ଏହି ଦିନରେ, କେବଳ ଭାରତ କଣ ଅନେକ ଉନ୍ନତ୍ତ ଦେଶର ବିକାଶର ଧାରାକୁ କେତେ ବର୍ଷ ପଛରେ ପକେଇ ଚୀନ୍ ଆଗୁଆ ଆଗୁଆ ମାଡି ଚାଲିଛି । ସ୍ୱାଧୀନତା ଦିବସରେ ଆମେମାନେ ଓ ଆମ ଦେଶ, ସାମାଜିକ, ବୈଦେଶିକ ପରିବର୍ତନ ଗୁଡିକୁ ଧ୍ୟାନରେ ରଖି ଆଗେଇବାକୁ ପଡିବ । ପରିଷଦର ସଭାପତି, ତଥା ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ, ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ, ସଭାଟିକୁ ପରିଚାଳନା କରିଥିଲେ । ଆଇଆଇଟି ଖଡଗପୁରର ପୂର୍ବତନ ପ୍ରଫେସର ଅଶୋକ ରାଉତ ଓ ବୋକାରୋ ଇସ୍ପାତ କାରଖାରର ପୂର୍ବ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱମ୍ଭର ଦାଶ, ସମ୍ବର୍ଦ୍ଧିତ କରିଥିଲେ ଓ ଶେଷରେ ବିଜୟ କେତନ ପଟ୍ଟନାୟକ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କେନ୍ଦୁଝର ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ

# ବିଶ୍ୱ ଦରବାରରେ ଭାରତର ସ୍ଥାନ ଆଜି ସ୍ୱତନ୍ତ୍ର:ଉପମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ/ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କେନ୍ଦୁଝରର ଷ୍ଟାଡିୟମ୍‌ରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଛଳରେ ଶ୍ରୀ ସିଂହଦେଓ ସାମ୍ପ୍ରତିକ ସ୍ଥିତିରେ ବିଶ୍ୱ ଦରବାରରେ ଦିନକୁ ଦିନ ବୃଦ୍ଧି ପାଉଥିବା ଭାରତର ଭୂମିକା ବିଷୟରେ ଅବତାରଣା କରିବାକୁ ଯାଇ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୃଢ ନେତୃତ୍ୱର ଭୂୟସୀ ପ୍ରଶଂସା କରିଥିଲେ । ଦେଶଭକ୍ତ କ୍ରାନ୍ତିକାରୀ ମୁକ୍ତିଯୋଦ୍ଧା ମାନଙ୍କର ସର୍ବୋଚ୍ଚ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ସେହି ସଂଗ୍ରାମୀମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କେନ୍ଦୁଝର ମାଟିକୁ ବୀର ମାଟି ଭାବେ ଅଭିହିତ କରି ଇଂରେଜ ସମର୍ଥିତ ରାଜତନ୍ତ୍ରର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ବିପ୍ଳବୀ ଧରଣୀଧରଙ୍କ ବିଦ୍ରୋହ ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଥିଲେ । କେନ୍ଦୁଝରର ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟକୁ ବିକାଶ ପଥରେ ଆଗେଇ ନେଉଛନ୍ତି ଓ ଏହି କ୍ରମରେ କେନ୍ଦୁଝର ଠାରେ ଏକ ବୃହତ ଷ୍ଟିଲ୍ ପ୍ଲାଣ୍ଟର ନିର୍ମାଣ କରିବା ପାଇଁ ତାଙ୍କର ଦୀର୍ଘ ବର୍ଷର ସଂକଳ୍ପ ଆଜି ପୂରଣ ହେବାକୁ ଯାଉଛି ଯେଉଁଥିପାଇଁ କେନ୍ଦୁଝରର ସ୍ଥାନୀୟ ଯୁବକ ଯୁବତୀ କର୍ମନିଯୁକ୍ତି ଲାଭ କରିପାରିବେ ବୋଲି କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଯଥା ଓଡ଼ିଆ ଅସ୍ମିତା ପାଇଁ କର୍ପସ ପାଣ୍ଠି ଗଠନ, ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ସ୍ୱାସ୍ଥ୍ୟସେବା ପାଇଁ ଆୟୁଷ୍ମାନ୍ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ବୁଣାକାର ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଆଦି ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି



ଉପଲକ୍ଷେ ଆୟୋଜିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ସଶସ୍ତ୍ର ରିଜର୍ଭ ପୋଲିସ୍ ବାହିନୀ, ହୋମ୍‌ଗାର୍ଡସ୍ ବାହିନୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଏନ୍.ସି.ସି., ସ୍କାଉଟ୍, ଗାଇଡ୍, ରେଡ୍‌କ୍ରସ୍, ସିଭିଲିଆନ୍ ଦଳ ମାର୍ଚ୍ଚପାଷ୍ଟ୍ କରି ଅଭିବାଦନ ଜଣାଇଥିଲେ । ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ମାନସ କୁମାର ବେହେରା ଆନୁଷ୍ଠାନିକ ପ୍ୟାରେଡ୍ ପରିଚାଳନା କରିଥିଲେ । ଏହି ସମାରୋହରେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ, ଆଇଏଏସ୍ ପ୍ରୋବେସନର ପବନ କୁମାର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ୍, ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ । ଏହି ଅବସରରେ ପଦ୍ମଶ୍ରୀ ଦୈତାରୀ ନାଏକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଚିତାକର୍ଷକ ପ୍ୟାରେଡ୍ ପାଇଁ ଓ ଚିତାକର୍ଷକ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ନିମନ୍ତେ ବିଭିନ୍ନ ଶିକ୍ଷାନୁଷ୍ଠାନର ଦଳଙ୍କୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ସକାଳେ ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରତ୍ୟୁଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ସହରରେ ରାମଧୂନ୍ ପ୍ରଚାର କରାଯାଇଥିଲା । ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମ୍‌ଠାରେ ମିଳନୀ ସାହିତ୍ୟ ସଂସଦ ସହଯୋଗରେ କବିତା ପାଠୋତ୍ସବ, କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ କେନ୍ଦୁଝର ଅଡିଟୋରିୟମ ଠାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ସମାରୋହର ପରିଚାଳନା କରିଥିଲେ ।

## ଟାଟା ଷ୍ଟିଲ୍ ସହ ଆଇଆଇଟି ଭୁବନେଶ୍ୱର ଓ ଇଣ୍ଡିଆ ଆସେଲେଟରର ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଉଦୀୟମାନ ଷ୍ଟାର୍ଟଅପ୍‌ଗୁଡ଼ିକ ଲାଗି ୬ ମାସିଆ ଟୁମରୋ-ଲାବ୍ ଆସେଲିରେଟର ପ୍ରୋଗ୍ରାମ ଆରମ୍ଭ କରିବାକୁ ଟାଟା ଷ୍ଟିଲ୍- ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ୍ ଇଣ୍ଟରପ୍ରିନ୍ୟୁଅରସିପ୍ ପାର୍କ (ଆଇଆଇଟି ଭୁବନେଶ୍ୱର ଆରଇପି) ଓ ଇଣ୍ଡିଆ ଆସେଲରେଟର (ଆଇଏ) ସହିତ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି । ୨୦୨୫ ଅଗଷ୍ଟ ୧୩ରେ ଏହି ଏମ୍‌ଓୟୁ ସ୍ୱାକ୍ଷର ହୋଇଥିବାବେଳେ ଆସନ୍ତା ସେପ୍ଟେମ୍ବରରୁ କାର୍ଯ୍ୟକ୍ରମ ଆରମ୍ଭ ହେବ । ଏଥିରେ ଷ୍ଟାର୍ଟଅପ୍‌ଗୁଡିକୁ ଅନୁକୂଳ ପରିବେଶ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଏହା ସେମାନଙ୍କ ଅଭିବୃଦ୍ଧିକୁ ସମୃଦ୍ଧ କରିବା ସହ ଶିଳ୍ପ ସଂଯୋଗ ପ୍ରଦାନ କରି ସେମାନଙ୍କ ଯାତ୍ରାକୁ ତ୍ୱରାନ୍ୱିତ କରିବ । ୨୦୨୪ ଫେବୃୟାରୀରୁ ଟାଟା ଷ୍ଟିଲ୍ ଓ ଆଇଆଇଟି ଭୁବନେଶ୍ୱର ଆରଇପି ମଧ୍ୟରେ ସ୍ୱାକ୍ଷର ହୋଇଥିବା ବୁଝାମଣା ଅଧିନରେ ଟୁମରୋ-ଲାବ୍ ଆସେଲରେଟର ପ୍ରୋଗ୍ରାମକୁ ଏକ ଅଭିଯାନ ଭାବେ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ଭିତରେ ଥିବା ଅନ୍ତରକୁ ଦୂର କରିବା, ସଫଳ ହେବା ପାଇଁ ଷ୍ଟାର୍ଟଅପ୍ ନିମନ୍ତେ ଏକ ଅନୁକୂଳ ପରିବେଶ ଗଠନ



କରିବା ଏବଂ ମୂଲ୍ୟବାନ ସମ୍ବଳ ଓ ମେଣ୍ଟରସିପ୍ ପ୍ରଦାନ କରି ଉଦ୍ୟୋଗୀ ମାନଙ୍କୁ ସଫଳ ବ୍ୟବସାୟୀରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସର୍ବନିମ୍ନ ଭାୟାବଲ୍ ପ୍ରଡକ୍ଟ (ଏମ୍‌ଭିପି) ଓ ବଜାର ଉତ୍ତମ ପ୍ରଦର୍ଶନ ଧାରା ଜାରି ରଖିଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ଏହି କାର୍ଯ୍ୟକ୍ରମ ପାଇଁ ଆବେଦନ କରିପାରିବେ । ଟାଟା ଷ୍ଟିଲ୍‌ର ଉପସଭାପତି-ଟେକ୍ନୋଲୋଜି, ଆର୍‌ଆଣ୍ଡ୍‌ଡି, ଏନ୍‌ଏମ୍‌ବି ଓ ଗ୍ରାଫିନି ସୁବୋଧ ପାଣ୍ଡେ କହିଛନ୍ତି ଯେ, 'ଆମ ସଷ୍ଟେନିବିଲିଟି ଏଜେଣ୍ଡାକୁ ଆଗକୁ ବଢ଼ାଇବା ଲାଗି ଟାଟା ଷ୍ଟିଲ୍ ଗତ କିଛି ବର୍ଷ ଧରି ଶିଳ୍ପ ଓ ଶିକ୍ଷାନୁଷ୍ଠାନ ସହଯୋଗୀଙ୍କ ସହିତ କାମ କରୁଛି । ଭାରତର ଷ୍ଟାର୍ଟଅପ୍ ବ୍ୟବସ୍ଥାରେ ଅନେକ ସୁଯୋଗ ଥିବା ଆମେ ଦେଖିପାରୁଛୁ, ଯେଉଁଠାରେ ଯୁବ ନବସୃଜନକାରୀମାନେ କେତେକ କଷ୍ଟକର ବ୍ୟବସାୟ ପାଇଁ ସୃଷ୍ଟି ହେଉଥିବା ସମସ୍ୟା ପାଇଁ ସମାଧାନ ବାହାର କରୁଛନ୍ତି । ୧୦୦ କ୍ୟୁବ୍ ଭଳି ଅଭିଯାନ ଜରିଆରେ ଷ୍ଟାର୍ଟଅପ୍ ବ୍ୟବସ୍ଥାକୁ ଦୃଢ଼ କରିବା ଦିଗରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସେହି ଦିଗରେ ଟୁମରୋ-ଲାବ୍ ଆସେଲରେଟର କାର୍ଯ୍ୟକ୍ରମ ହେଉଛି ଆଉ ଏକ ପଦକ୍ଷେପ ।'' ଏହି କାର୍ଯ୍ୟକ୍ରମ ସାରା ଭାରତରେ ଥିବା ଷ୍ଟାର୍ଟଅପ୍‌ଗୁଡିକୁଯୋଡ଼ିପାରିବ । ଇଣ୍ଡିଆ ଆସେଲରେଟର ସମର୍ଥନରେ ଆଇଆଇଟି ଭୁବନେଶ୍ୱର ଏହି କାର୍ଯ୍ୟକ୍ରମର ହବ୍ ହେବ । ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟଗୁଡ଼ିକ ହେଉଛି ମେଣ୍ଟରଶିପ୍ ପ୍ରଦାନ, ଦକ୍ଷତା ଗଠନ କର୍ମଶାଳା ଏବଂ ଷ୍ଟାର୍ଟଅପ୍‌ମାନଙ୍କୁ ବୈଷୟିକ ସହାୟତା ପାଣ୍ଠି, ବ୍ୟବସାୟ ପରାମର୍ଶସେବା ଓ ବାଣିଜ୍ୟିକ ସୁଯୋଗ ପ୍ରଦାନ, ଗୁରୁତ୍ୱପୂର୍ଣ୍ଣ ସହଯୋଗିତା, ବ୍ୟବସାୟ ବିକାଶ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ବଜାର ପ୍ରଦାନ କରିବା ପାଇଁ ଇଣ୍ଡିଆ ଆସେଲରେଟର ଓ ଆଇଆଇଟି ଭୁବନେଶ୍ୱର ଆରଇପିର ନେଟ୍‌ୱର୍କକୁ ବ୍ୟବହାର କରିବା ଏବଂ ଓଡ଼ିଶା ଓ ବାହାରେ ଚମତ୍କାର ଉଦ୍ୟମିତା ବ୍ୟବସ୍ଥା ସହିତ ଟାଟା ଷ୍ଟିଲ୍‌କୁ ଯୋଡ଼ିବା । ଏହି କାର୍ଯ୍ୟକ୍ରମ ଟାଟା ଷ୍ଟିଲ୍ ପାଇଁ ଏକ ଢାଞ୍ଚା ପ୍ରସ୍ତୁତ କରିବ, ଯେଉଁଠାରେ ଏହା ଜଳ, ବର୍ଜ୍ୟ ହିଟ୍ ରିକଭରି ଏବଂ ରୋବୋଟିକ୍ସ ଓ ଅଟୋମେସନ୍ ଆଦିରେ ଏହାର ଅଭିବୃଦ୍ଧି ଯାତ୍ରା ପାଇଁ ପ୍ରାସଙ୍ଗିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ସହ ଯୋଡ଼ିହେବ । କାର୍ଯ୍ୟକ୍ରମ ଶେଷ ହେବା ପରେ ପରୀକ୍ଷାମୂଳକ ପ୍ରକଳ୍ପ ପାଇଁ ଉପଯୋଗୀ ସମାଧାନ ସହ ମନୋନୀତ ଷ୍ଟାର୍ଟଅପ୍‌ଗୁଡ଼ିକ ସହ କମ୍ପାନି ଯୋଡ଼ିହେବ । ଷ୍ଟିଲ୍ ଭାଲ୍ୟୁଚେନ ଏବଂ ଅନ୍ୟାନ୍ୟକ୍ଷେତ୍ର ଗୁଡ଼ିକରେ କମ୍ପାନୀର ପ୍ରମୁଖ ଷ୍ଟାର୍ଟଅପ୍ ସମ୍ପୃକ୍ତି କାର୍ଯ୍ୟକ୍ରମ ଟୁମରୋ-ଲାବ୍ ଆସେଲରେଟର ଅଧୀନରେ ଭାରତ ଓ ଅନ୍ତର୍ଜାତୀୟ ଷ୍ଟାର୍ଟଅପ୍ ବ୍ୟବସ୍ଥା ସହ ଯୋଡ଼ି ହୋଇ ଟାଟା ଷ୍ଟିଲ୍ କାର୍ଯ୍ୟ କରୁଛି ।

## ଜାତୀୟ ସ୍ତରରେ ସାମାଜିକ କର୍ମୀ ସମ୍ମାନିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡାର ଜଣାଶୁଣା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ତଥା ନୀତି ଆୟୋଗ ଅନୁବନ୍ଧିତ ବିଶ୍ୱ ଚାରିଟି ଆଣ୍ଡ ୱେଲ୍‌ଫେୟାର୍ ଫେଡରେସନ୍ ସଂସ୍ଥା ଦ୍ୱାରା ତାଙ୍କୁ ରାଉରକେଲା ଉଡ଼ିନ୍‌ଗର ଲାଇବ୍ରେରୀ ହଲ୍‌ରେ ଆୟୋଜିତ ଏକ ଉତ୍ସବରେ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପ ଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଛି । ଶ୍ରୀ ପୃଷ୍ଟି ଏହି ସମ୍ମାନରେ ସମ୍ବର୍ଦ୍ଧିତ ହେବାପରେ ତାଙ୍କୁ ବିଭିନ୍ନ ସ୍ତରରୁ ପ୍ରଶଂସା ବାର୍ତ୍ତା ମିଳୁଛି ।

## ଶିଶୁ ସୁରକ୍ଷା ବିଶେଷଜ୍ଞଙ୍କ ଉପକାରାଗାର ପରିଦର୍ଶନ




**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଗୃହ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟି ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସଙ୍କ ତତ୍ତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ଅବକାଶ ମିଶ୍ର ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ୍ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକାରାଗରକୁ ଯାଇ ଅନ୍ତେବାସୀଙ୍କ ସହ ଏକ ଶିବିର ଅନୁଷ୍ଠିତ ହେବା ସହିତ ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ କୌଣସି ମାମଲାରେ ଆଇନ୍ ସହ ଦ୍ୱନ୍ଦରେ ଥିବା ଶିଶୁ କରାଗାରରେ ଥିବା ଅନ୍ୟ କଏଦୀଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରିଥିଲେ । କିନ୍ତୁ କୌଣସି ଶିଶୁ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ଶିଶୁ ପାଇନଥିଲେ । ପରିଦର୍ଶନ ସମୟରେ ଉପକାରାଗାରର ଡା. ପ୍ରସନ୍ନ କୁମାର ମିଶ୍ର ଉପସ୍ଥିତ ଥିବାବେଳେ ଉପକାରାଗାରର ଅଧକ୍ଷ ଡିଲେଶ୍ୱର ଜେନା କମିଟିକୁ ସହଯୋଗ କରିଥିଲେ ।

# ଉତ୍କଳ ଆଲୁମିନା ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ

**କାଶୀପୁର, ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ୍, ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ୍, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସହଯୋଗୀ କମ୍ପାନୀ ପକ୍ଷରୁ ମହାଡ଼ମ୍ବରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ନୂଆପଡା ଟାଉନ୍‌ସିପ୍ ସ୍ଥିତ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ରବିନାରାୟଣ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିସହିତ ସାମୁହିକ ଭାବେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହାପରେ କାରଖାନା ସୁରକ୍ଷା କର୍ମୀ ଓ କାର୍ମଚାରୀ ତଥା ଏସ୍‌ଏସ୍‌ଷ୍ଟିଫ, ଏସ୍‌ଆଇଏସ୍, ଏସ୍‌ଏଲ୍‌ଭି, ମହିଳା କର୍ମଚାରୀ, ଅଗ୍ନିଶମ କର୍ମଚାରୀ, ଏନ୍‌ସିସି ବାଳିକ, ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲକୁ ନେଇ ଗଠିତ ପରେଡ ଦଳ ତରଫରୁ ଜାତୀୟ ପତାକାକୁ ସମ୍ମାନ ପୂର୍ବକ ପରେଡ ଆୟୋଜନ ହୋଇଥିଲା । ଏହି ପରେଡରେ କାରଖାନା ମୁଖ୍ୟ ଶ୍ରୀ ମିଶ୍ର ଅଭିବାଦନ ସ୍ୱୀକାର କରିବା ସହିତ ଉପସ୍ଥିତ ସମବେତ ଜନତା ଏହାକୁ ଉପଭୋଗ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ କାରଖାନା ମୁଖ୍ୟ ରବି ନାରାୟଣ ମିଶ୍ର ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ସ୍ୱାଧୀନତା ଦିବସ,




ଦେଶମାତୃକା ପାଇଁ ବଳିଦାନ ଦେଇଥିବା ବ୍ୟକ୍ତିଙ୍କୁ ମନେ ପକାଇବା ଦିବସ । ସେହି ବୀର ବ୍ୟକ୍ତିତ୍ୱଙ୍କ ପାଇଁ ଆମ ଦେଶ ସ୍ୱାଧୀନତାର ସ୍ୱର୍ଣ୍ଣିମ ଅଧ୍ୟାୟ ଦେଖିପାରିଛି । ଦାୟିତ୍ୱବାନ ନାଗରିକ ଭାବେ ସମସ୍ତ ନାଗରିକଙ୍କ ଦେଶ ପ୍ରତି କର୍ତ୍ତବ୍ୟ ରହିଛି । ତେଣୁ ସମସ୍ତେ ଶପଥ କରନ୍ତୁ, ଦେଶକୁ ଭବିଷ୍ୟତ ପିଢ଼ି ପାଇଁ ଆହୁରି ଉତ୍ତମ କରି ଗଢି ତୋଳିବା । ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ କରିବା ସହିତ ଜଳ ଓ ଶକ୍ତି ସଂରକ୍ଷଣ ପ୍ରତି ଗୁରୁତ୍ୱାରୋପ କରିବା । ସମ୍ପ୍ରତି ବିଶ୍ୱରେ ଟାରିଫ ଯୁଦ୍ଧ ଲାଗିଥିବାରୁ ବିକାଶଶୀଳ ଦେଶଗୁଡିକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛନ୍ତି । ଏଭଳି ସ୍ଥଳେ ସମସ୍ତ ନାଗରିକମାନେ ମେକ୍ ଇନ୍ ଇଣ୍ଡିଆ ବିଷୟ ପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ୍ । ଅନୁରୂପ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବିଶ୍ୱରେ ସର୍ବୋତ୍କୃଷ୍ଟ ସଷ୍ଟେନେବୁଲ କମ୍ପାନୀ ରୂପେ ଖ୍ୟାତି ଅର୍ଜନ କରିଛି । ସେହି ଖ୍ୟାତି ଆଗାମୀ ଦିନରେ ମଧ୍ୟ ବଳବତ୍ତ ରହିବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ । ଏହାପରେ କାର୍ଯ୍ୟକ୍ରମରେ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ଥୁଟିବର ବାଳିକା ବିଦ୍ୟାଳୟ ଓ ଟିକିରି ବାଳିକା ଉଚ୍ଚ ବିଦ୍ୟାଳୟ ତରଫରୁ ଗଠିତ ଛାତ୍ରଛାତ୍ରୀଙ୍କ ଦଳ ଦେଶାତ୍ମକବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ କାରଖାନା ସୁରକ୍ଷା ପାଇଁ ଅବିରତ ତଥା ଉଲ୍ଲେଖନୀୟ ଦାଇତ୍ୱ ତୁଲାଉଥିବା ସୁରକ୍ଷା କର୍ମୀଙ୍କୁ କାରଖାନା ମୁଖ୍ୟ ଶ୍ରୀ ମିଶ୍ର ଓ ତାଙ୍କ ପତ୍ନୀ ପ୍ରଭା ମିଶ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେମାନେ ହେଲେ, ଏସ୍‌ଏସ୍‌ଟିଏଫ୍ ବିଭାଗରୁ ଡିପି ଦାସ, ଏସ୍‌ଆଇଏସ୍ ତରଫରୁ ଦୁଷ୍ମନ୍ତ ନାୟକ, ଏସ୍‌ଏଲ୍‌ଭି ପକ୍ଷରୁ ପୁରୁଷୋତ୍ତମ ମହାନନ୍ଦ, ଏଲ୍‌ଏସ୍‌ଜି ତରଫରୁ ଭାରତୀ ମହାରଣା, ଅଗ୍ନିଶମ ବିଭାଗର ପ୍ରଦୀପ ନାୟକ, ଉତ୍କଳ ହସ୍ପିଟାଲ୍‌ର ସନ୍ତୋଷ ଦୋରା, ଆଡମିନ୍‌ର ଅଞ୍ଜନ ମାଝୀ ଓ ପିତାମ୍ବର ନାୟକ, ଆଇଟି ବିଭାଗର ବଳରାମ ମାଝୀଙ୍କ ସମେତ ଅନ୍ୟ ସୁରକ୍ଷା କର୍ମଚାରୀ ଅଶୀକିରଣ ବାଗ, ନିର୍ମଳ ହରିଜନ, କୃଷ୍ଣ ବାତିଲିଆ ପ୍ରମୁଖଙ୍କୁ ପୁରସ୍କୃତ ହୋଇଥିଲେ । ଏଥିସହିତ ଅଦିତ୍ୟା ବିର୍ଲା କମ୍ପାନୀରେ ଦୀର୍ଘ ୨୫ ବର୍ଷ ନିଜର ଅବ୍ୟାହତ ଭାବେ ସେବା ଯୋଗାଇଥିବା ମହେଶ୍ ପାଣ୍ଡେଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଛି । ଏହି ଅବସରରେ କାରଖାନା ସୁରକ୍ଷା ବିଭାଗ ମୁଖ୍ୟ କର୍ଣ୍ଣଲ ପରମଜିତ ବାଜବା, ମାନବ ସମ୍ବଳ ପ୍ରମୁଖ ନାରାୟଣ ମିତ୍ର, ବିଜୟ କୁମୁରା, ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ସିଏସ୍‌ଆର୍ ବିଭାଗ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ବିଭାଗ ମୁଖ୍ୟ ଶର୍ମିଳା ସରକାର, ଇଆର ବିଭାଗ ମୁଖ୍ୟ କିରଣ ନାୟକ ଓ ଏଭିପି ଉତ୍ତମ ଗିରିଙ୍କ ସମେତ ଅନ୍ୟ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଅଦିତ୍ୟା ବିର୍ଲା ପବ୍ଲିକ୍ ସ୍କୁଲ୍‌ର ଶିକ୍ଷାତ୍ରୀ କରୁଣା ତିବାରୀ ପରିଚାଳନା କରିଥିଲେ । ଅନ୍ୟପକ୍ଷେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ତରଫରୁ ମହାଡ଼ମ୍ବରରେ ୭୯ତମ ସ୍ୱାଧୀନତା ଦିବସ ବାଫ୍ଲିମାଳି ପର୍ବତରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଖଣି ମୁଖ୍ୟ ବିଜୟ ଚୌହାନ ଜାତୀୟ ପତାକା ଉତ୍ତୋଳନ କରିବା ସହ ସାମୁହିକ ଜାତୀୟ ସଂଗୀତ ଗାନ କରିଥିଲେ । ଏବଂ ସୁରକ୍ଷାକର୍ମୀଙ୍କ ଦ୍ୱାରା ଆୟୋଜିତ ପରେଡରେ ଅଭିବାଦନ ସ୍ୱୀକାର କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଖଣି ପାର୍ଶ୍ୱସ୍ଥ ବିଦ୍ୟାଳୟରେ ବିସ୍କୁଟ ଓ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଖଣି ସିଏସ୍‌ଆର୍ ମୁଖ୍ୟ ମନୋଜ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ବିଭାଗୀୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ବ୍ୟକ୍ତିର କର୍ତ୍ତବ୍ୟ ଓ ମାନବିକତା ଧର୍ମ ପାଳନରେ ସ୍ୱର୍ଣ୍ଣିମ ଭାରତ ଗଠନ ସମ୍ଭବ:ଜିଲ୍ଲାପାଳ



**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ବି.ଜେ.ବି ହାଇସ୍କୁଲ ଖେଳ ପଡ଼ିଆରେ ୭୯ ତମ ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୫ ପାଳନରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ଉତ୍ସବର ମୁଖ୍ୟ ଅତିଥି ଅମ୍ରିତ୍ ଋତୁରାଜ ସକାଳ ୦୯.୧୫ମି ସମୟରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପରେ ପ୍ୟାରେଡ୍ ଅନୁଧ୍ୟାନ କରିସାରି ଜିଲ୍ଲାବାସୀ ଓ ଜାତି ଉଦ୍ଦେଶ୍ୟରେ ନିଜର ଉଦ୍‌ବୋଧନରେ ସମସ୍ତ ଖୋର୍ଦ୍ଧା ବାସୀଙ୍କୁ ୭୯ ତମ ପବିତ୍ର ସ୍ୱାଧିନତା ଦିବସର ସମ୍ମାନ ଓ ଶୁଭେଚ୍ଛା ପ୍ରଦାନ କରିଥିଲେ । ନିଜ ଉଦ୍‌ବୋଧନରେ ମୁଖ୍ୟ ଅତିଥି କହିଥିଲେ ବ୍ୟକ୍ତିର କର୍ତ୍ତବ୍ୟ ଓ ମାନବିକତା ଧର୍ମ ପାଳନରେ ଅଖଣ୍ଡ ଭାରତ ବର୍ଷର ରାଷ୍ଟ୍ରୀୟ ସଂହତି ସୁଦୃଢ ହେବା ସହ ସ୍ୱର୍ଣ୍ଣିମ ଭାରତ ବର୍ଷ ଗଠନ ସମ୍ଭବ ହୋଇପାରିବ । ବ୍ୟକ୍ତି ହିସାବରେ ତାର ପରିବାର, ସମାଜ, ରାଜ୍ୟ, ରାଷ୍ଟ୍ର ଓ ମାନବିକତା ପ୍ରତି କର୍ତ୍ତବ୍ୟ ଅଛି । ଏଣୁ ବ୍ୟକ୍ତି ଅଧିକାର କର୍ତ୍ତବ୍ୟ ଏକା ସଙ୍ଗରେ ନିର୍ବାହ କଲେ ଆମେ ସ୍ୱର୍ଣ୍ଣିମ ଭାରତ ବର୍ଷ ଦେଖିପାରିବା । ସ୍ୱାଧୀନତା ଦିବସ ସମ୍ମାନ, ସ୍ମୃତି ଚାରଣ ଓ ସଂକଳ୍ପର ଦିବସ । ସମସ୍ତଙ୍କ ସହଭାଗିତାରେ ଆମ ସ୍ୱାଧୀନତାକୁ ଆମେ ଗରିମାମୟ କରିବା । ସ୍ୱାଧୀନତା ଆମ ଜନ୍ମଗତ ଅଧିକାର । ଆତ୍ୟାଚାରୀ ବ୍ରିଟିଶ ଶାସନକୁ ଯେଉଁ ମହାମନିଷୀ, ଯୋଗଜନ୍ମା ଅହିଂସା ମନ୍ତ୍ରରେ ଲଢେଇ କରି ସମୁଦ୍ର ଗର୍ଭକୁ ଫିଙ୍ଗି ଦେଇ ଭାରତର ବୀରତ୍ୱ, ଏକତା ଓ ଅଖଣ୍ଡତା ଜାତି, ଧର୍ମ, ବର୍ଣ୍ଣ, ଭାଷା, ଲିଙ୍ଗ, ବିଭେଦତାର ଊର୍ଦ୍ଧ୍ୱକୁ ଯାଇ ସମ୍ପ୍ରିତିରେ ବ୍ରିଟିଶ ଶାସନକୁ ପରାସ୍ତ କରିଥିଲେ । ମୁଖ୍ୟ ଅତିଥି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ଖୋର୍ଦ୍ଧା ଜିଲ୍ଲା ମାଟିର ଗୌରବ ବର୍ଣ୍ଣନା କରି ତାପଙ୍ଗ ଗଡ ପୂର୍ବତନ ଇତିହାସ ପାଇକ ମାଟିର ବୀରତ୍ୱ ୧୮୦୩ ମସିହା, ଜୟୀ ରାଜଗୁରୁ, ୧୮୨୭ ମସିହାରେ ଦଳବେହେରାଙ୍କ, ୧୮୩୬ ଜୁନ୍ ୧ ତାରିଖରେ ଅରଙ୍ଗ ଗଡ ଓ ୧୮୫୭ ସିପାହୀ ବିଦ୍ରୋହ, ହାତୀଗୁମ୍ଫା, ମା' ଉଗ୍ରତାରା, ଭଗବତୀ, ବରୁଣେଇ, କରୁଣେଇ, ଉପାସନା ଓ ସ୍ୱାଧୀନତା ସଂଗ୍ରାମରେ ଲଢେଇ, ରେଣ୍ଡମାଝି, ବୀର ସୁରେନ୍ଦ୍ର ସାଏ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ମାଳତୀ ଚୌଧୁରୀ, ଫକିର ମୋହନ ସେନାପତି ସ୍ୱାଧୀନତା ସଂଗ୍ରାମୀଙ୍କ ଗାଥା ବର୍ଣ୍ଣନା କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୁଖ୍ୟଅତିଥି କହିଥିଲେ ଖୋର୍ଦ୍ଧା ସ୍ୱାଭିମାନୀ ମାଟି, ବୀର ମାଟି, ଉପନିଷଦର ମାଟି, ଭାରତର ଆତ୍ମା ଅହିଂସା ପରମଧର୍ମ, ସତ୍ୟମେବ ଜୟତେ, ବସୁଦେବ କୁଟୁମ୍ବକମ୍ । ଭାରତ ସରକାର ଓ ଆମ ରାଜ୍ୟ ସରକାର ଏକ ବର୍ଷରେ ସୁଭଦ୍ରା ଭଳି ଯୁଗାନ୍ତକାରୀ ଯୋଜନା ଆଣି ମହିଳାମାନଙ୍କ ସହ ସବୁ ବର୍ଗର ଜନସାଧାରଣଙ୍କ ନିମନ୍ତେ ଯୋଜନା ଆଣି ଦ୍ରୁତ ପ୍ରଗତି ଓ ଶସକ୍ତି କରଣରେ ଆଗେଇ ଚାଲିଛନ୍ତି । ଏଣୁ ଏହି କଷ୍ଟ ଲବ୍ଧ ପବିତ୍ର ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ତ୍ରିରଙ୍ଗା ପତାକା ତଳେ ଶପଥ ନେବାକୁ ମୁଖ୍ୟ ଅତିଥି ଆହ୍ୱାନ୍ ଦେଇଥିଲେ ।

## କ୍ରିକେଟରଙ୍କ ପରଲୋକ



**ସିଡନୀ**

ଅଷ୍ଟ୍ରେଲିଆ ମହାନ କ୍ରିକେଟର୍ ବବ ସିମ୍ପସନଙ୍କ ଦେହାନ୍ତ ହୋଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ଏହା କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ନିଶ୍ଚିତ କରାଯାଇଛି। ୧୯୮୭ ମସିହାରେ ଅଷ୍ଟ୍ରେଲିଆକୁ ପ୍ରଥମ ବିଶ୍ୱକପ ଜିତିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମହାନ ଖେଳାଳି ଏକ ଟେଷ୍ଟ ମ୍ୟାଚ୍‌ରେ ୧୩ ଘଣ୍ଟାରୁ ଅଧିକ ସମୟ ବ୍ୟାଟିଂ କରି ତ୍ରିଶତକ ହାସଲ କରିଥିଲେ। ସେ ୩୧୧ ରନ କରିଥିଲେ।

ଅଷ୍ଟ୍ରେଲିଆର ମହାନ ଖେଳାଳି ବବ ସିମ୍ପସନ ୧୯୫୭ ରୁ ୧୯୭୮ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ଏବଂ ଦୁଇଟି ଦିନିକିଆ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୪୮୬୯ ରନ ଏବଂ ୭୧ ଉଇକେଟ ନେଇଥିଲେ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ସେ ଅଧିନାୟକତ୍ୱ କରିଥିବା ୩୯ ଟେଷ୍ଟ ମ୍ୟାଚ୍ରୁ ୧୨ଟି ଜିତିଥିଲା।

୧୯୬୪ ମସିହାରେ ଓଭାଲରେ ପ୍ରଥମ ଟେଷ୍ଟ ଶତକ ହାସଲ କରି ସିମ୍ପସନ ଅନେକ ରେକର୍ଡ ଭାଙ୍ଗି ୭ ବର୍ଷର ମରୁଡ଼ିର ଅନ୍ତ ଘଟାଇଥିଲେ। ସେ ୧୩ ଘଣ୍ଟାରୁ ଅଧିକ ସମୟ ପାଇଁ ବ୍ୟାଟିଂ କରିଥିଲେ ଏବଂ ତାଙ୍କର ପ୍ରଥମ ଶତକକୁ ତ୍ରିଶତକରେ ପରିଣତ କରିଥିଲେ। ସେ ୩୧୧ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ତ୍ରିଶତକ ହାସଲ କରିଥିବା ସିମ୍ପସନ ପ୍ରଥମ ଟେଷ୍ଟ ଅଧିନାୟକ ମଧ୍ୟ ଥିଲେ।

ବବ ସିମ୍ପସନ ୧୯୬୮ ମସିହାରେ କ୍ରିକେଟରୁ ଅବସର ନେଇଥିଲେ, କିନ୍ତୁ ୧୯୭୭ ମସିହାରେ ସେ ୪୧ ବର୍ଷ ବୟସରେ ଅଷ୍ଟ୍ରେଲିଆକୁ ଫେରିବାକୁ ରାଜି ହୋଇଥିଲେ, ଯେତେବେଳେ ବିଶ୍ୱ ସିରିଜ କ୍ରିକେଟରୁ ପୃଥକ ହେବା ଯୋଗୁଁ ଦଳ ଭାଙ୍ଗି ଯାଇଥିଲା। ଏହି ସମୟ ମଧ୍ୟରେ ସେ ଆଉ ୧୦ ଟି ଟେଷ୍ଟ ମ୍ୟାଚ ଖେଳିଥିଲେ। ଏଥିରେ ଦୁଇଟି ଶତକ ଅନ୍ତର୍ଭୁକ୍ତ ଥିଲା। ୧୯୭୭ ମସିହାରେ ସିମ୍ପସନ୍‌ଙ୍କ ହାରାହାରି ୫୨.୮୩ ଏବଂ ପରବର୍ତ୍ତୀ ବର୍ଷ ୩୨.୩୮ ଥିଲା।

ଟେଷ୍ଟ ମ୍ୟାଚ୍‌ରେ ୩୦୦ ରନ ସ୍କୋର କରିଥିବା ସବୁଠାରୁ କମ ବୟସ୍କ ଅଧିନାୟକ ଭାବରେ ସିମ୍ପସନଙ୍କ ରେକର୍ଡ ୬୧ ବର୍ଷରୁ ଅଧିକ ସମୟ ପାଇଁ ଅକ୍ଷୁର୍ଣ୍ଣ ରହିଥିଲା। ତାଙ୍କ ରେକର୍ଡକୁ ଜୁଲାଇ ୨୦୨୫ରେ ଦକ୍ଷିଣ ଆଫ୍ରିକାର ୱାଇଆନ ମୁଲଡର ଭାଙ୍ଗିଥିଲେ, ଯିଏ ଜିମ୍ବାୱେରେ ତାଙ୍କର ପ୍ରଥମ ଟେଷ୍ଟ ଅଧିନାୟକତ୍ୱ ମ୍ୟାଚ୍ରେ ରେକର୍ଡ ଭାଙ୍ଗି ତ୍ରିଶତକ ହାସଲ କରିଥିଲେ।

### ମ୍ୟାଚ୍ ଫିକ୍ସିଂ ମାମଲାରେ ଆଇସିସି ଶୁଣାଇଲା ସଜା

# ଖେଳାଳିଙ୍କୁ ୫ବର୍ଷ ପାଇଁ କରାଗଲା ବ୍ୟାନ

**ନୂଆଦିଲ୍ଲୀ**

ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଦ୍ୱାରା ପୂର୍ବତନ ଶ୍ରୀଲଙ୍କା ଘରୋଇ କ୍ରିକେଟର ସାଲିଆ ସମନଙ୍କୁ ସମସ୍ତ ଫର୍ମାଟ କ୍ରିକେଟରୁ ୫ ବର୍ଷ ପାଇଁ ନିଷିଦ୍ଧ କରାଯାଇଛି। ୨୦୨୧ ଆବୁଧାବି ଟି୧୦ ଲିଗରେ ମ୍ୟାଚ ଫିକ୍ସିଂ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି। ୩୯ ବର୍ଷୀୟ ସମନଙ୍କ ବିରୋଧରେ ମ୍ୟାଚ ଫିକ୍ସିଂ କରିବାକୁ ଚେଷ୍ଟା କରିବା ଭଳି ଅଭିଯୋଗ ପ୍ରମାଣିତ ହୋଇଥିଲା। କିନ୍ତୁ, ଆଇସିସି ଏବଂ ଦୁର୍ନୀତି ନିବାରଣ ଅଧିକାରୀଙ୍କ ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏହି ଷଡ଼ଯନ୍ତ୍ର ସମାପ୍ତ ହୋଇପାରିଲା ନାହିଁ।



ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ସମାନଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପାଞ୍ଚ ବର୍ଷ ପାଇଁ ନିଷେଧ କରିଛି। ସେ ଏମିରେଟ୍ସ କ୍ରିକେଟ ବୋର୍ଡ ଦୁର୍ନୀତି ନିବାରଣ କୋଡ ଉଲ୍ଲଂଘନ କରିଥିବା ଦୋଷୀ ସାବ୍ୟସ୍ତ ହେବା ପରେ ଏହି ନିଷ୍ପତ୍ତି ଦିଆଯାଇଥିଲା।

ସେପ୍ଟେମ୍ବର ୨୦୨୩ରେ ଆବୁଧାବି ଟି୧୦ ଲିଗ ୨୦୨୧ ସହିତ ଜଡିତ ଦୁର୍ନୀତି ଅଭିଯୋଗରେ ଅଭିଯୁକ୍ତ ୮ ଜଣଙ୍କ ମଧ୍ୟରେ ୩୯ ବର୍ଷୀୟ ସମାନ ଥିଲେ। ଟ୍ରିବ୍ୟୁନାଲର ତଦନ୍ତରୁ ଜଣାପଡିଛି ଯେ ସମନ ମ୍ୟାଚ ଫିକ୍ସିଂ କରିବାକୁ ଚେଷ୍ଟା କରିଥିଲେ ଏବଂ ଅନ୍ୟ ଖେଳାଳିମାନଙ୍କୁ ଏଥିରେ ସାମିଲ କରିଥିଲେ। ସେ ଲାଞ୍ଚ ମଧ୍ୟ ଦେଇଥିଲେ, କିନ୍ତୁ ଆଇସିସି ଏବଂ ନିଯୁକ୍ତ ଦୁର୍ନୀତି ନିବାରଣ ଅଧିକାରୀଙ୍କ ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଯୋଜନା ବିଫଳ ହୋଇଥିଲା।

## ଓଡ଼ିଶାରେ ଫୋର-ଜି ସେବା ପହଞ୍ଚାଇବାକୁ ୫୮୦୦ ଟାୱାର୍ ସ୍ଥାପନ କରିଛି ବିଏସଏନଏଲ

**ଭୁବନେଶ୍ୱର**

ରାଷ୍ଟ୍ରାୟତ୍ତ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ବିଏସଏନଏଲ ଓଡିଶାର କୋଣ ଅନୁକୋଣରେ ଆତ୍ମନିର୍ଭର ଭାରତ ପ୍ରକଳ୍ପ ଅଧୀନରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଫୋର-ଜି ସେବାକୁ ପହଞ୍ଚାଇବା ପାଇଁ ୫୮୦୦ଟି ଟାୱାର ସ୍ଥାପନ କରିଛି । ଏଥିମଧ୍ୟରୁ ୫୨୦୦ଟି ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ବର୍ତ୍ତମାନ ସୁଦ୍ଧା ୧୦,୦୦୦ ବିଟିଏସ ଏହି ଟାୱାର ଜରିଆରେ କାର୍ଯ୍ୟରତ ଅଛି। ଓଡିଶାର ସମସ୍ତ ମୋବାଇଲ ଉପଭୋକ୍ତାଙ୍କ ପାଇଁ ଏହି ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଫୋର-ଜି ସେବାର ଅନୁଭୂତି ନେବାକୁ ବିଏସଏନଏଲ ଆଣିଛି ଅପୂର୍ବ ସୁଯୋଗ। ଏହି ଯୋଜନାରେ ଯେକୌଣସି ମୋବାଇଲ ଉପଭୋକ୍ତା କେବଳ ୧ ଟଙ୍କା ଦେଇ ବିଏସଏନଏଲ ଫୋର୍ ଜି ସିମ୍ ସହ ୩୦ ଦିନ ପାଇଁ ଅସୀମିତ ଭଏସ୍ କଲ୍ କରିବା ସହ ଦୈନିକ ୨ଜିବି ଡାଟା ଓ ୧୦୦ ଏସଏମଏସ ସୁବିଧା ପାଇବେ। ଅନ୍ୟ ନେଟୱର୍କର ଉପଭୋକ୍ତା କେବଳ ୧ଟଙ୍କା ଦେଇ ଏମଏନପି ଜରିଆରେ ବିଏସଏନଏଲ ଯୋଗଦେଇ ଏହି ସୁବିଧା ପାଇ ପାରିବେ। ଏହି ସିମ୍ ପାଇବା ପାଇଁ ନିଜ ପରିଚୟ ପତ୍ର ସହ ନିକଟସ୍ଥ ବିଏସଏନଏଲ ଗ୍ରାହକ ସେବା କେନ୍ଦ୍ର ଅଥବା ରିଟେଲର୍ ସହ ଯୋଗାଯୋଗ କରନ୍ତୁ। ଏହି ସୁବିଧା ୦୧-୦୮-୨୦୨୫ ରୁ ୩୧-୦୮-୨୦୨୫ ପର୍ଯ୍ୟନ୍ତ ଉପଲବ୍ଧ। ବିଏସଏନଏଲ ଓଡିଶାର ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା, ଏହି ସୁବିଧାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଅନୁରୋଧ କରିଛନ୍ତି।

# 'ରୋହିତ, କୋହଲି ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବାକୁ ଚାହୁଁଥିଲେ'

**ନୂଆଦିଲ୍ଲୀ**

ପୂର୍ବତନ ଭାରତୀୟ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ପ୍ରତ୍ୟେକ ପ୍ରଶଂସକ ଜାଣନ୍ତି ଯେ ସେମାନେ ଉଭୟ ଏପର୍ଯ୍ୟନ୍ତ ଏହି ଫର୍ମାଟରୁ ଅବସର ନେବାକୁ ଚାହୁଁ ନଥିଲେ। ରୋହିତ ଏବଂ ବିରାଟ ଉଭୟ ଇଂଲଣ୍ଡ ଗସ୍ତ ପାଇଁ ପ୍ରସ୍ତୁତି କରୁଥିଲେ। ପୂର୍ବତନ ଭାରତୀୟ କ୍ରିକେଟର କରସନ ଘାଭରୀ ଏ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି।

ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ରେ ଭାରତୀୟ କ୍ରିକେଟର ଦୁଇ ସର୍ବବୃହତ ବ୍ୟାଟସମ୍ୟାନ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ରୋହିତ ପ୍ରଥମେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ କରି ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ଅବସର ଘୋଷଣା କରିଥିଲେ। ଦୁଇ ଦିନ ପରେ, ଖବର ଆସିଥିଲା ଯେ କୋହଲି ବିସିସିଆଇକୁ ଲେଖିଥିଲେ ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛନ୍ତି। ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ, ସେ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲେ।

ଗତ ୧୫-୨୦ ଦିନ ମଧ୍ୟରେ ଅନେକ ରିପୋର୍ଟ ସାମ୍ନାକୁ ଆସିଛି। ସେମାନେ ପ୍ରକୃତରେ ଅବସର ନେବାକୁ ଚାହୁଁଥିଲେ ନା ସେମାନଙ୍କୁ ବାଧ୍ୟ କରାଯାଇଥିଲା ? ଶେଷରେ,



କୋହଲି ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଖେଳିବାକୁ ଫେରିଲେ ଏବଂ ତାଙ୍କ ଦିଲ୍ଲୀ ପ୍ରଶିକ୍ଷକଙ୍କୁ ମଧ୍ୟ କହିଥିଲେ ଯେ ସେ ଏଥର ଇଂଲଣ୍ଡରେ ଅତି କମରେ ୪-୫ ଶତକ କରିବାକୁ ଚାହାଁନ୍ତି। ରୋହିତ ଆଇପିଏଲ୍ ବିରତି ସମୟରେ ମାଇକେଲ କ୍ଲାର୍କଙ୍କ ସହ ଏକ ଆଲୋଚନାରେ ସ୍ପଷ୍ଟ କରିଥିଲେ ଯେ ସେ ଇଂଲଣ୍ଡ ଗସ୍ତ ପାଇଁ ଅପେକ୍ଷା କରିଛନ୍ତି।

ଭାରତୀୟ କ୍ରିକେଟ କିମ୍ବଦନ୍ତୀ କରସନ ଘାଭରୀ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି। ଭାରତର ପୂର୍ବତନ ବାମହାତୀ ପେସର ୧୯୭୦ ଦଶକରେ କପିଲ ଦେବଙ୍କ ସହ ବୋଲିଂ ଆରମ୍ଭ କରିଥିଲେ। ସେ ଖୋଲାଖୋଲି ଭାବରେ ଦାବି କରିଛନ୍ତି ଯେ କୋହଲି ଏବଂ ରୋହିତ ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବାକୁ ଚାହୁଁଥିଲେ, କିନ୍ତୁ ବିସିସିଆଇର 'ରାଜନୀତି' ଏବଂ ଚୟନ ପ୍ୟାନେଲ ଅଧ୍ୟକ୍ଷ ଅଜିତ ଅଗରକରଙ୍କ ନେତୃତ୍ୱ ସେମାନଙ୍କୁ ଟେଷ୍ଟ କ୍ରିକେଟରୁ ବାହାର କରିଦେଇଥିଲା।

ଘାଭରୀ କହିଛନ୍ତି, କୋହଲି ନିଶ୍ଚିତ ଭାବରେ ସହଜରେ ଭାରତ ପାଇଁ ଖେଳିପାରିଥାନ୍ତେ। ହୁଏତ ଆଗାମୀ କିଛି ବର୍ଷ ପାଇଁ କିନ୍ତୁ କିଛି ଲୋକ ତାଙ୍କୁ ଅବସର ନେବାକୁ ବାଧ୍ୟ କରିଥିଲେ। ଦୁର୍ଭାଗ୍ୟବଶତଃ ଯେତେବେଳେ ସେ ଅବସର ନେଇଥିଲେ, ବିସିସିଆଇ ତାଙ୍କୁ ବିଦାୟ ମଧ୍ୟ ଦେଇ ନଥିଲା। ଏପରି ଜଣେ ଖେଳାଳି, ଏପରି ଜଣେ ମହାନ ଖେଳାଳି ଯିଏ ବିସିସିଆଇ, ଭାରତୀୟ କ୍ରିକେଟ ଏବଂ ଭାରତୀୟ ପ୍ରଶଂସକଙ୍କ ପାଇଁ ଏତେ ମହାନ ସେବା କରିଛନ୍ତି, ତାଙ୍କୁ ଏକ ମହାନ ଏବଂ ଚମତ୍କାର ବିଦାୟ ଦିଆଯିବା ଉଚିତ।

ଘାଭରୀ ଆହୁରି କହିଛନ୍ତି, ବିସିସିଆଇ ଭିତରେ ଆଭ୍ୟନ୍ତରୀଣ ରାଜନୀତି ହେତୁ ବୁଝିବା କଷ୍ଟକର। ମୁଁ ଭାବୁଛି ସେଥିପାଇଁ ସେ ସମୟ ପୂର୍ବରୁ ଅବସର ନେଇଥିଲେ। ରୋହିତ ଶର୍ମା ମଧ୍ୟ ସମୟ ପୂର୍ବରୁ ଅବସର ନେଇଥିଲେ। ତାଙ୍କୁ ଯିବାକୁ କୁହାଯାଇଥିଲା। ଏହା ନୁହେଁ ଯେ ସେ ଯିବାକୁ ଚାହୁଁଥିଲେ। ସେ ଜାରି ରଖିବାକୁ ଚାହୁଁଥିଲେ। କିନ୍ତୁ ଚୟନକର୍ତ୍ତା ଏବଂ ବିସିସିଆଇର ଯୋଜନା ଭିନ୍ନ ଥିଲା। ଏହା ଏକ ପ୍ରକାରର କ୍ଷୁଦ୍ର ରାଜନୀତିର ବିଷୟ ଥିଲା।

## ସମ୍ବଲପୁର ମାଟିର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଅତୁଳନୀୟ : ରାଜସ୍ୱମନ୍ତ୍ରୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ସ୍ତରୀୟ, ୭୯ ତମ ସ୍ୱାଧୀନତା ଦିବସ ରିଜର୍ଭ ପୁଲିସ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନନୀୟ ରାଜସ୍ୱ ଓ ବିପର୍ଯ୍ୟ ପରିଚାଳନା ମନ୍ତ୍ରୀ ଓଡିଶା ସରକାର, ସୁରେଶ ପୂଜାରୀ ସ୍ୱାଧୀନତା ଦିବସର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୂର୍ବାହ୍ନ ୯.୧୫ ମିନିଟ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରି ଉପସ୍ଥିତ ଜନତାକୁ ଉଦବୋଧନ ଦେଇଥିଲେ। ତତ୍ସହିତ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ ),ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଆଇ .ପି .ଏସ ), ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରି(ଆଇ.ଏ.ଏସ.), ଆଇ.ଏ.ଏସ ପ୍ରୋବେଶ୍ନର ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇ ସ୍ୱାଧୀନ ଭାରତର ଇତିହାସର ଏହି ମହାନ୍ ପବିତ୍ର ସ୍ୱାଧୀନତା ଦିବସରେ ସମ୍ବଲପୁର ଜିଲ୍ଲାବାସୀଙ୍କୁ ପବିତ୍ର ଜାତୀୟ ପତାକାର ଉତ୍ତୋଳନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଅଗଷ୍ଟ ୧୫ ତାରିଖ, ପବିତ୍ର ସ୍ୱାଧୀନତା ଦିବସ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ସ୍ମରଣୀୟ ଦିବସ ବୋଲି କହିଥିଲେ ଯାହା ହେଉଛି ଆମ ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବର ଦିନ । ସ୍ୱାଧୀନତା ସଂଗ୍ରାମ ରେ ସମ୍ବଲପୁର ମାଟିର ସଂଗ୍ରାମୀ ମଦନ ମୋହନ ମିଶ୍ର, ଲକ୍ଷ୍ମୀ ନାରାୟଣ ମିଶ୍ର, ଭାଗୀରଥି ମିଶ୍ର, ଧରଣୀଧର ମିଶ୍ର, ଚନ୍ଦ୍ରଶେଖର ବେହେରା, ଭାଗୀରଥି ପଟ୍ଟନାୟକ, ନୃସିଂହ ଗୁରୁ, ଡାକ୍ତର ରାମଚନ୍ଦ୍ର ମିଶ୍ର, ପ୍ରହଲ୍ଲାଦ ରାଏ ଲାଠ୍, ବୋଧରାମ ଦୁବେ, ମହନ୍ତ ବିହାରୀ ଦାସ, ବୀରସୁରେନ୍ଦ୍ର ସାଏ, ପ୍ରଭାବତୀ ଦେବୀ ଓ ପାର୍ବତୀ ଗିରି ଇତ୍ୟାଦିଙ୍କ ଅପୂର୍ବ ତ୍ୟାଗ, ବଳିଦାନ, ମୂଲ୍ୟବୋଧର କାହାଣୀ ମନ୍ତ୍ରୀ ଅବଲୋକନ କରିଥିଲେ। ଏହାପରେ ମାନ୍ୟବର ମନ୍ତ୍ରୀ ସମ୍ବଲପୁରୀ ହସ୍ତତନ୍ତ, ସମ୍ବଲପୁରୀ ଲୋକନୃତ୍ୟର ଆଦର ସାରା ବିଶ୍ୱରେ ପରିବ୍ୟାପ୍ତ ହୋଇଛି ଏବଂ ସମ୍ବଲପୁରୀ ନୃତ୍ୟଶିଳ୍ପୀ ଓ ହସ୍ତତନ୍ତ ଶିଳ୍ପୀ ସର୍ବଭାରତୀୟ ସ୍ତରରେ ସମ୍ମାନିତ ହୋଇଛି ବୋଲି କହିଥିଲେ। କେବଳ ସେତିକି ନୁହେଁ ବରଂ ଡାଲଖାଇ, କରମା, ହୁମ-ବଉଲି ଇତ୍ୟାଦି ନୃତ୍ୟରେ ସମ୍ବଲପୁର ମାଟିର କଳା, ସଂସ୍କୃତି ସାରା ବିଶ୍ୱ ରେ ପ୍ରସ୍ଫୁଟିତ ହେଉଛି ।

ଏହି ପରିପ୍ରେକ୍ଷୀ ରେ ପ୍ରତ୍ୟୁଷ ୫.୩୦ ଘଟିକା ସମୟରେ ସହର ର ମୁଖ୍ୟ ରାସ୍ତା ରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯାଇଥିଲା।ଏହା ପରେ ସମ୍ବଲପୁର ଜିଲ୍ଲାପାଳ ଙ୍କ ସହ ପ୍ରଶାସନିକ ଅଧିକାରୀ ମାନେ ସହର ର ବିଭିନ୍ନ ସ୍ଥାନ ରେ ଅବସ୍ଥାପିତ ବର ପୁତ୍ର ମାନଙ୍କ ର ପ୍ରତିମୂର୍ତ୍ତି ରେ ମାଲ୍ୟା ଅର୍ପଣ କରିଥିଲେ। ସେହି ପରି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଭୂମି ଖିଣ୍ଡା ଠାରେ ରେଙ୍ଗାଲି ତହସିଲଦାରଙ୍କ ୭୯ ତମ ସ୍ୱାଧୀନତା ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ପତକା ଉତ୍ତୋଳନ କରିଥିଲେ । ପରେ ସ୍ୱାଧିନ ସଂଗ୍ରାମୀ ଙ୍କ ପରିବାର ର ଫକିର ସାଏ ଙ୍କୁ ସାକ୍ଷାତ କରିଥିଲେ।

# ୧୩ କୋଟିର ଖେଳାଳିଙ୍କୁ ବାଦ୍ ଦେବ ବିସିସିଆଇ !

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫କୁ ନେଇ ପ୍ରଶଂସକଙ୍କ ମନରେ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ୯ ସେପଟ୍ଟେମ୍ବରରୁ ଆରମ୍ଭ ହେବ। ହେଲେ ତାହା ପୂର୍ବରୁ ଭାରତୀୟ ଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରତ୍ୟେକ ଭାରତୀୟ ପ୍ରଶଂସକଙ୍କ ମନରେ ଏକମାତ୍ର ପ୍ରଶ୍ନ ଉଠୁଛି ଯେ, କେଉଁ ଖେଳାଳିମାନେ ଦଳରେ ସ୍ଥାନ ପାଇବେ। ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗ୍ରୱାଲ ଓ ତାଙ୍କ ପ୍ୟାନେଲ ଶୀଘ୍ର ଏ ସମ୍ପର୍କରେ ଘୋଷଣା କରିବେ। ଏହା ମଧ୍ୟରେ ଆଇପିଏଲ୍ ୨୦୨୫ରେ କୋଲକାତା ନାଇଟ ରାଇଡର୍ସର ଷ୍ଟାର ଫିନିସର ରିଙ୍କୁ ସିଂହଙ୍କୁ ନେଇ ଏକ ବଡ଼ ରିପୋର୍ଟ ସାମ୍ନାକୁ ଆସିଛି। କେକେଆରର ଚମତ୍କାର ବ୍ୟାଟ୍ସମ୍ୟାନ ରିଙ୍କୁ ସିଂହ, ଯାହାଙ୍କୁ ଫ୍ରାଞ୍ଚାଇଜ ୧୩ କୋଟି ଟଙ୍କାରେ ରିଟେନ୍ କରିଥିଲା, ତାଙ୍କୁ ଏସିଆ କପ୍ ୨୦୨୫ର ଭାରତୀୟ ଦଳରେ ସ୍ଥାନ ମିଳିବା ବେଶ କଷ୍ଟକର ମନେ ହେଉଛି।



ରିଙ୍କୁ ସିଂହଙ୍କ ପ୍ରଦର୍ଶନ ଭାରତ ପାଇଁ ବେଶ ଉଲ୍ଲେଖନୀୟ ରହିଛି। ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ଖେଳାଯିବ ଏବଂ ରିଙ୍କୁ ଏହି ଫର୍ମାଟରେ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ୩୩ଟି ମ୍ୟାଚରେ ୫୪୬ ରନ ସଂଗ୍ରହ କରିଛନ୍ତି। ସେଥିରେ ୩ ଅର୍ଦ୍ଧଶତକ ରହିଛି। ରିଙ୍କୁ କୋଲକାତା ନାଇଟ ରାଇଡର୍ସ ଓ ଭାରତ ପାଇଁ ଫିନିସର ଭୂମିକା ନିର୍ବାହ କରିଛନ୍ତି। ଏହା ସତ୍ତ୍ୱେ ତାଙ୍କୁ ଏସିଆ କପ ୨୦୨୫ର ଭାରତୀୟ ଦଳରେ ସାମିଲ କରାଯାଇ ନ ପାରେ।

ଆଇପିଏଲ ୨୦୨୫ରେ ମଧ୍ୟ ଅନେକ ଯୁବ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ପ୍ରଶଂସକଙ୍କ ମନ ଜିଣିଛନ୍ତି। ରିଙ୍କୁଙ୍କ କଥା କହିବାକୁ ଗଲେ, ତାଙ୍କର ଆନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ଖେଳିବାର ଅଭିଜ୍ଞତା ରହିଛି ଏବଂ ଟିମ ମ୍ୟାନେଜମେଣ୍ଟ ନିଜେ ଚାହିଁବେ ନାହିଁ ଯେ, ଅନ୍ୟ କୌଣସି ଖେଳାଳିଙ୍କୁ ଫିନିଶର ଭୂମିକାରେ ରଖାଯାଉ। ନିକଟରେ ଜଣେ ପୂର୍ବତନ ଚୟନକର୍ତ୍ତା କହିଥିଲେ ଯେ, ଶୁଭମନ ଗିଲଙ୍କୁ ଏସିଆ କପ ୨୦୨୫ର ଭାରତୀୟ ଦଳରେ ସ୍ଥାନ ମିଳିବ କାରଣ ସେ ଟେଷ୍ଟ ଦଳର ଅଧିନାୟକ ଏବଂ ଗୁଜରାଟ ଟାଇଟନ୍ସର ଆଇପିଏଲରେ ଅଧିନାୟକ ଅଛନ୍ତି। ଏବେ ପ୍ରଶ୍ନ ଉଠୁଛି ଯେ, ରିଙ୍କୁ ସିଂହଙ୍କୁ ବାଦ ଦେଇ ଗିଲଙ୍କୁ ଦଳରେ ସାମିଲ କରାଯିବ କି ? ଭାରତୀୟ ଚୟନକର୍ତ୍ତାଙ୍କ ପାଇଁ ଏହି ନିଷ୍ପତ୍ତି ନେବା କଷ୍ଟକର ହେବ କାରଣ ଗିଲ ଟପ ଅର୍ଡରରେ ଖେଳନ୍ତି ଏବଂ ରିଙ୍କୁ ସିଂହଙ୍କ କାମ ହେଉଛି ଫିନିଶର ଭୂମିକା।

ଟିମ୍ ଇଣ୍ଡିଆ ପାଖରେ ଟପ୍ ଅର୍ଡର ପାଇଁ ବହୁତ ବିକଳ୍ପ ରହିଛି, କିନ୍ତୁ ରିଙ୍କୁ ସିଂହଙ୍କ ବ୍ୟତୀତ ଫିନିଶର ଭୂମିକାରେ କେବଳ ହାର୍ଦ୍ଦିକ ପାଣ୍ଡ୍ୟା ରହିଛନ୍ତି। ହାର୍ଦ୍ଦିକଙ୍କ ବ୍ୟତୀତ ଟିମ ପାଖରେ ଅକ୍ଷର ପଟେଲଙ୍କ ବିକଳ୍ପ ରହିଛି। ଯଦି ରିଙ୍କୁଙ୍କୁ ଦଳରୁ ବାଦ ଦିଆଯାଏ, ତେବେ ଶିବମ ଦୁବେ କିମ୍ବା ଜିତେଶ ଶର୍ମାଙ୍କୁ ଫିନିଶର ଭୂମିକାରେ ରଖିବା ଅତ୍ୟନ୍ତ ଜରୁରୀ। ରିଙ୍କୁ ସିଂହଙ୍କ କଥା କହିବାକୁ ଗଲେ, ଆଇପିଏଲ ୨୦୨୫ରେ ତାଙ୍କ ପ୍ରଦର୍ଶନ ଖାସ ଭଲ ନ ଥିଲା। ରିଙ୍କୁ ୧୩ଟି ମ୍ୟାଚରେ ୨୯.୪୩ର ହାରାହାରିରେ ୨୦୬ ରନ ସଂଗ୍ରହ କରିଥିଲେ ଏବଂ ତାଙ୍କର ସର୍ବୋତ୍ତମ ସ୍କୋର ୩୮ ରନ (ନଟଆଉଟ) ଥିଲା। ୨୦୨୪ ସିଜନରେ ମଧ୍ୟ ତାଙ୍କ ବ୍ୟାଟ ଶାନ୍ତ ରହିଥିଲା। କୋଲକାତା ପାଇଁ ଖେଳୁଥିବା ରିଙ୍କୁ ୧୫ଟି ମ୍ୟାଚରେ ୧୮.୬୭ର ହାରାହାରିରେ ମାତ୍ର ୧୬୮ ରନ ସଂଗ୍ରହ କରିଥିଲେ। ତାଙ୍କର ସର୍ବୋତ୍ତମ ସ୍କୋର ୨୬ ରନ ଥିଲା। ରିଙ୍କୁ ସିଂହଙ୍କୁ ନେଇ ଭାରତୀୟ ଚୟନକର୍ତ୍ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ କାରଣ ସେ ମଧ୍ୟ ଦଳ ପାଇଁ ଅତ୍ୟନ୍ତ ଜରୁରୀ ଖେଳାଳି।

## ବାଲେଶ୍ୱରରେ ଗୌରବମୟ ଐତିହ୍ୟକୁ ସ୍ମରଣ କଲେ ଜିଲ୍ଲାପାଳ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ।

ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱରର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ। ସେ ଇଞ୍ଚୁଡିର ଲବଣ ସତ୍ୟାଗ୍ରହ, ଇରମର ରକ୍ତଭିଜା ବଳିଦାନ, ବାଘାଯତୀନଙ୍କ ବିପ୍ଳବୀ ସଂଘର୍ଷ, ଫକୀର ମୋହନଙ୍କ ସାହିତ୍ୟ, ରାଧାନାଥଙ୍କ ଜାତୀୟବାଦୀ କବିତା ଏବଂ କୁନ୍ତଳା କୁମାରୀ ସାବତଙ୍କ "ଆହ୍ୱାନ" ଓ "ଗଡ଼ଜାତ କୃଷକ" ଆଦିକୁ ସ୍ମରଣ କରିଥିଲେ। ସେ ଜିଲ୍ଲାରେ ରାସ୍ତା, ପାଣି, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଏବଂ ଚାନ୍ଦିପୁର ଫିସିଙ୍ଗ ହାର୍ବର, ବସ୍ତାର ହାଇଜେନିକ୍ ଫିସ୍ ମାର୍କେଟ, ତାଳସାରି ଓ ଉଦୟପୁରର ଉନ୍ନତିକରଣ ଆଦି ବିକାଶମୂଳକ କାର୍ଯ୍ୟକୁ ଉଲ୍ଲେଖ କରିବା ସହ ଏସବୁ କ୍ଷେତ୍ର ରେ ଆହୁରି ସୁଯୋଗ ରହିଛି ଏବଂ ଲୋକଙ୍କ ସହାୟତାର ଆବଶ୍ୟକତା ରହିଛି ବୋଲି ଆହ୍ୱାନ ଦେଇଥିଲେ।

କୋଷ୍ଟ କେନାଲର ପୁନରୁଦ୍ଧାର, ଡିଆରଡିଓର ଉନ୍ନତ ଟେକ୍ନୋଲୋଜି ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଶାସନିକ ସହଜତା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ବାଲେଶ୍ୱରର ଝିଅ ପ୍ରଜ୍ଞା ପ୍ରଶାନ୍ତି ସାହୁଙ୍କ ବିଶ୍ୱସ୍ତରୀୟ ସଫଳତାକୁ ପ୍ରଶଂସା କରିଥିଲେ, ଯିଏ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍‌ରେ ସ୍ୱର୍ଣ୍ଣ ପଦକ ଓ ଇଣ୍ଡିଆନ ଓପନ ଆଥଲେଟିକ ମିଟ-୨୦୨୫ରେ ସ୍ୱର୍ଣ୍ଣ ପଦକ ଜିତି ଦେଶର ସୁନାମ ବଢ଼ାଇଛନ୍ତି।ସୁଭଦ୍ରା ଯୋଜନା ଓ ଆୟୁଷ୍ମାନ ଭାରତ ଭଳି ଜନକଲ୍ୟାଣକାରୀ ଯୋଜନାର ସଫଳତା ଏବଂ ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ଯୋଜନାକୁ ପ୍ରଶଂସା କରିଥିଲେ।

ଏହି କାର୍ଯ୍ୟକ୍ରମରେ ୪୯ଟି ଦଳ ମାର୍ଚ୍ଚ ପାଷ୍ଟରେ ଭାଗ ନେଇଥିବା ବେଳେ ପିଏକ୍ସଇ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ଏବଂ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶିତ ହୋଇଥିଲା ଯାହା ବଜ୍ରପାତ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା।

# 'ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ଯୁବପିଢିଙ୍କ ପ୍ରେରଣାର ଉତ୍ସ'

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଶ୍ରୀ ରାମେଶ୍ୱର ଷ୍ଟାଡିୟମ୍ ଠାରେ ଜିଲ୍ଲା ସ୍ତରୀୟ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ଓଡିଶା ଉଚ୍ଚ ଶିକ୍ଷା, ସଂସ୍କୃତି ଓ କ୍ରୀଡ଼ା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡ ଅଭିବାଦନ କରି ଉଦବୋଧନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ ଓ ସହିଦ୍ ବରପୁତ୍ର ମାନଙ୍କୁ ମନେ ପକେଇ ଆଜି ଏ ଜିଲ୍ଲାର ଗୁରୁବାରି ମେହେର, ଲକ୍ଷ୍ମଣ ଶତପଥି ଓ ଚତୁର୍ଭୁଜ ମିଶ୍ର ଙ୍କ ଭଳି ସଂଗ୍ରାମୀ ଙ୍କ ପାଇଁ ଆମେ ସ୍ୱାଧୀନତା ପାଇଛୁ ବୋଲି ମତ ରଖି ଏମାନଙ୍କ ବଳିଦାନ ଆଗମୀ ପିଢିଙ୍କୁ



ପ୍ରେରିତ କରିବ ବୋଲି କହିଥିଲେ । ଗଡଜାତ ଭାରତ ଛାଡ ଆନ୍ଦୋଳନରେ ଏ ଜିଲ୍ଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ପାତାଳୀ ଶ୍ରୀକ୍ଷେତ୍ର ଓ ଭୀମଭୋଇଙ୍କ ପାଇଁ ଏ ମାଟି ର ଏକ ସ୍ୱତନ୍ତ୍ରତା ଅଛି ଏ ମାଟି ର ମହକ ଅଛି ବୋଲି କହିଥିଲେ। ଏ ମାଟି ସଂସ୍କୃତି ର ଏକ ଜ୍ୱଳନ୍ତ ଉଦାହରଣ ବୋଲି କହି ଆୟୁଷ୍ମାନ ଯୋଜନା, ପି ଏମ୍ ଶ୍ରୀ ଶିକ୍ଷା ଯୋଜନା, ଓ ଖେଲୋ ଇଣ୍ଡିଆ ଭଳି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖକୁ ପହଞ୍ଚିଛି ବୋଲି କହିଥିଲେ ।

ସ୍ୱାଧୀନତା ଦିବସରେ ମନ୍ଦିର ମାଳିନୀ ସହର ଓ ଜିଲ୍ଲା ର ବିକାଶ ଲାଗି ମନ୍ତ୍ରୀ ଦେଲେ ପ୍ରତିଶ୍ରୁତି ଏ ଜିଲ୍ଲା ର ଓ ଓଡ଼ିଶାର ବିକାଶ ହେଲେ ଭାରତର ବିକାଶ ହେବ ବୋଲି କହିଥିଲେ । ପରେ ପରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନକୁ ମୁଖ୍ୟ ଅତିଥି ମନ୍ତ୍ରୀ ପୁରସ୍କୃତ କରିଥିଲେ । ପରେ ପରେ ସହରର ଶିଶୁ ଗୃହ, ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ସହ ମେଡିକାଲ୍ ରୋଗୀ ଓ ଭିନ୍ନ କ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମନ୍ତ୍ରୀ ମହିମା ପୀଠ ଖଲିଆପାଲି, ପାତାଳୀ ଶ୍ରୀକ୍ଷେତ୍ର, ଚର୍ଦ୍ଦା ଶୈବ ପୀଠ ପରିଦର୍ଶନ କରି ମନ୍ଦିର କମିଟି ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଜାଲୋଇ ଆମ୍ବେଦକର ଖେଳ ପଡିଆରେ ଚାଲିଥିବା ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଯୋଗ ଦେଇଥିଲେ । ଜିଲ୍ଲାରେ କ୍ରୀଡ଼ାର ଭିତ୍ତିଭୂମି ସୁଦୃଢ଼ କରିବା ସମ୍ପର୍କରେ ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘ ସହ ଆଲୋଚନା କରିଥିଲେ । ସନ୍ଧ୍ୟାରେ ସହରର ନାରାୟଣ ସେବା ରୋଗୀ ଆଶ୍ରମରେ ପହଞ୍ଚି ରୋଗୀଙ୍କ ସମସ୍ତ ସମସ୍ୟା ବୁଝିଥିଲେ । ଏ ସମସ୍ତ କାର୍ଯ୍ୟ କ୍ରମ ବୀର ମହାରାଜପୁର ବିଧାୟକ ରଘୁ ଜଗଦଲା, ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପ ରାଜ ସାହୁ, ଏସପି ନାରାୟଣ ନାୟକ ଉପସ୍ଥିତ ଥିଲେ ଓ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

## 'ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଚିର ସ୍ମରଣୀୟ'

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ସଦର ମହକୁମା ଠାରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ପ୍ରଶାସନିକ ଭବନ ପଡିଆ ଠାରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଅଛି । ଏହି ଜାତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଅମ୍ବର କୁମାର କର ଜାତୀୟ ପତାକା ଉତ୍ତୋଳନ ଓ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅନ୍ୟାନ୍ୟ ବୀର ସ୍ୱାଧୀନତା ସଂଗ୍ରାମୀ ଓ ବୀର ସହୀଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଅଭିଭାଷଣ ପ୍ରଦାନ ପୂର୍ବକ କହିଲେ ଭାରତ ବର୍ଷକୁ ଇଂରେଜ ଶାସନ କବଳରୁ ଯେଉଁ ମହା ମନିଷୀ, ଯୋଗଜନ୍ମା ମାନେ ନିଜ ଜୀବନକୁ ଅର୍ପଣ କରିଛନ୍ତି ସେମାନେ ଆମର ଚିର ସ୍ମରଣୀୟ ହୋଇ ରହିବେ। ଜାତିର ଜନକ ଜାତୀୟ ପିତା




ମହାତ୍ମା ଗାନ୍ଧୀ, ଖାଁ ଅବଦୁଲ ଗଫର ଖାନ, ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ, ଖୁଦିରାମ ବସୁ, ଚାଖି ଖୁଣ୍ଟିଆ ଇତ୍ୟାଦି ଇଂରେଜ ଶାସନକୁ ବିରୋଧ କରି ଏବଂ ଅହିଂସା ଓ ଅସହଯୋଗ ଆନ୍ଦୋଳନରେ ନିଜକୁ ସାମିଲ କରି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ସେମାନେ ଆମର ଚିର ସ୍ମରଣୀୟ। ଓଡିଶାର ବାଜି ରାଉତ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ଗଜପତି କୃଷ୍ଣ ଚନ୍ଦ୍ର ମହାରାଜା, ବିପ୍ଳବୀ ବୀର ଧରଣୀଧର ଭୂୟାଁ ସ୍ୱାଧୀନତା ଆନ୍ଦୋଳନରେ ତ୍ୟାଗ ମଧ୍ୟ ଚିର ସ୍ମରଣୀୟ । ସେହିପରି ଯାଜପୁର ଜିଲ୍ଲାର ବରୀ କଳାମାଟିଆର ୧୯୪୨ ମସିହା ଅସହଯୋଗ ଆନ୍ଦୋଳନରେ ସ୍ୱାଧୀନତା ସଂଗ୍ରାମୀ ମାୟାଧର ଭୂୟାଁ, ସାନନ୍ଦ ସ୍ୱାଇଁ, ସାଉଁଟି ମଲ୍ଲିକ ଓ ହାଡିବନ୍ଧୁ ପଣ୍ଡା ଙ୍କ ତ୍ୟାଗ ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଅବିସ୍ମରଣୀୟ ବୋଲି ମୁଖ୍ୟ ଅତିଥି ପ୍ରକାଶ କରିବା ସହ ପ୍ରାଣ ଉତ୍ସର୍ଗ କରିଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ।

ଭୁବନେଶ୍ୱର
୧୭ ଅଗଷ୍ଟ,
ରବିବାର,୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ୟୁନିଟ୍-୬ ସ୍ଥିତ ରାଧାକୃଷ୍ଣ ମନ୍ଦିରରେ ନନ୍ଦୋତ୍ସବ ପାଳନ ଅବସରରେ ଭଜନ ସମାରୋହ । (ଫଟୋ : ସମ୍ବାଦ କଳିକା)



ବାଳଗୋପାଳ ମୁଁ ଆସିଛି ଧାଇଁ
ଲବଣୀ ରଖିଛ କୋଉଠି ନେଇ
ଚୁପି ଚୁପି ଖୋଜେ ଏଘର ସେଘର
ଲବଣୀ ଚୋର ମୁଁ ମାଖନ ଚୋର

ଯାହା ଅଛି ଆଜି ଦେବି ତ ଖାଇ
ଅଧା ନେଇଯିବି ସାଙ୍ଗଙ୍କ ପାଇଁ
ସେ ଦ୍ୱାର ଜଗିଛନ୍ତି ସତର୍କ ହୋଇ
ବଂଶୀ ମୋ କହୁଛି ଯିବା ପଳାଇ

ଲବଣୀ ଖାଇ ମୁଁ ମାରିବି ଡିଆଁ
ଖୋଜୁଥିବେ ଗୋପୀ ହୋଇ ଛାନିଆଁ

ପବିତ୍ର ଜନ୍ମାଷ୍ଟମୀ ଅବସରରେ
ଶ୍ରୀକୃଷ୍ଣ ବେଶରେ
ଶିବାଂଶ ଦାସ
ବୟସ ୨ ବର୍ଷ



## କିଟ୍ ଓ କିସରେ ସ୍ୱାଧୀନତା ଦିବସ ପାଳିତ

# ଜନଜାତିଙ୍କ ବିକାଶ ହେଲେ ଦେଶର ସାମଗ୍ରିକ ବିକାଶ ହୋଇପାରିବ : ଅଚ୍ୟୁତ ସାମନ୍ତ




**ଭୁବନେଶ୍ୱର, ୧୬।୮ ନ୍ୟୁଜ ବ୍ୟୁରୋ**

କିଟ୍, କିସ୍, କିମ୍ସ, କିଟ୍ ପବ୍ଲିକ୍ ସ୍କୁଲ୍ ଓ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କିସ୍ ପରିସରରେ ଆୟୋଜିତ ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ ଦେଇ କହିଥିଲେ, ଜନଜାତିଙ୍କ ବିକାଶ ହେଲେ ଦେଶର ସାମଗ୍ରିକ ବିକାଶ ହୋଇପାରିବ। କିସ୍ ଦୀର୍ଘ ୩୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଜରିଆରେ ଜନଜାତିଙ୍କ ବିକାଶରେ ନିଜକୁ ନିୟୋଜିତ କରିଆସିଛି। ଏହି ଅବସରରେ ଛାତ୍ରଛାତ୍ରୀମାନେ ପାଠ ପଢ଼ି ଭଲ ମଣିଷ ହୋଇ ଦେଶର ନାଁ ରଖିବାକୁ ଡ. ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଶରଣଜିତ ସିଂହ ପତାକା ଉତ୍ତୋଳନ କରିଥିବା ବେଳେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍କୁଲ୍‌ର ଚେୟାରପର୍ସନ ଡ ମୋନାଲିସା ବଳ, କିମ୍ସରେ କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ କ୍ୟାମ୍ପସ୍‌ରେ ହୋଇଥିବା ସ୍ୱାଧୀନତା ଦିବସ ପାଳନ କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଅଧକ୍ଷ ଡ. ସଞ୍ଜୟ ସୁଆର ଓ କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ଡା. ଆର ସି ଦାସଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। କିସ୍ ଛାତ୍ରଛାତ୍ରୀମାନେ ପରେଡ ପ୍ରଦର୍ଶନ ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ନାଲ୍‌କୋରେ ୭୯ତମ ସ୍ୱାଧୀନତା ଦିବସ ପାଳିତ

# ଉତ୍କର୍ଷତାର ପରବର୍ତ୍ତୀ ସ୍ତରରେ ପହଞ୍ଚିବାକୁ ସିଏମ୍‌ଡିଙ୍କ ଆହ୍ୱାନ

**ଭୁବନେଶ୍ୱର,୧୬/୦୮ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ଭୁବନେଶ୍ୱର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ଦେଶର ସମସ୍ତ ୟୁନିଟ୍ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକରେ ହର୍ଷୋଲ୍ଲାସ ଏବଂ ଦେଶପ୍ରେମର ଭାବନା ସହିତ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କର୍ପୋରେଟ୍ କାର୍ଯ୍ୟାଳୟରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଏହା ସହିତ ଉପସ୍ଥିତ କର୍ମଚାରୀ ଏବଂ ଅତିଥିଙ୍କ ଦ୍ୱାରା ସମୂହ ଜାତୀୟ ସଙ୍ଗୀତ ଗାନ



କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମଡି ଶ୍ରୀ ସିଂହ ନାଲ୍‌କୋ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଦେଶ ପ୍ରତି ସେମାନଙ୍କର ସମର୍ପଣକୁ ସୁଦୃଢ଼ କରିବା ସହ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଏବଂ ଉତ୍କର୍ଷତାର ପରବର୍ତ୍ତୀ ସ୍ତରରେ ପହଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ। ନାଲ୍‌କୋ ସିଏସଆର କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ପିଲାମାନଙ୍କ ନିମନ୍ତେ ପରିଚାଳିତ ଆବାସିକ ଶିକ୍ଷା କାର୍ଯ୍ୟକ୍ରମ 'ଇନ୍ଦ୍ରଧନୁଷ'ର ଛାତ୍ରଛାତ୍ରୀମାନେ ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। କିସ୍ ବିଦ୍ୟାଳୟରୁ ଆସିଥିବା ଏହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ଦେଶାତ୍ମବୋଧକ ଏବଂ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଏମ୍‌ସିଏଲ୍ ପକ୍ଷରୁ ଦେଶପ୍ରେମ ଏବଂ ଉତ୍ସାହ ସହିତ ସ୍ୱାଧୀନତା ଦିବସ ପାଳିତ




**ସମ୍ବଲପୁର, ୧୬/୦୮ ନ୍ୟୁଜ ବ୍ୟୁରୋ**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଦେଶପ୍ରେମ ଏବଂ ଉତ୍ସାହ ସହିତ ଦେଶର ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛି। ବୁର୍ଲାର ଏମ୍‌ସିଏଲ୍ ଆନନ୍ଦ ବିହାର ଗ୍ରାଉଣ୍ଡରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରେଡ୍ କରାଯାଇଥିଲା।

ଶ୍ରୀ କାଓଲେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଦେଶର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ କୋଇଲା ଶ୍ରମିକଙ୍କ ଅମୂଲ୍ୟ ଅବଦାନକୁ ପ୍ରଶଂସା କରିଥିଲେ। ଓଡ଼ିଶା ସରକାର ଏବଂ ଆମର କାର୍ଯ୍ୟକ୍ଷମ ଜିଲ୍ଲାଗୁଡ଼ିକରେ ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ଜନପ୍ରତିନିଧିମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ଚୌଦ୍ୱାର କଲେଜର ୪୭ତମ ପ୍ରତିଷ୍ଠା ଦିବସ ପାଳିତ

# କଲେଜର ବିକାଶରେ ପୁରାତନ ଛାତ୍ରଛାତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



**ଚୌଦ୍ୱାର,୧୬।୮ ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର କଲେଜର ୪୭ତମ ପ୍ରତିଷ୍ଠା ଦିବସ ଉତ୍ସବ ଶନିବାର କଲେଜର ଗୋପବନ୍ଧୁ କକ୍ଷରେ ପାଳିତ ହୋଇଯାଇଛି। କଲେଜର ପୁରାତନ ଛାତ୍ରସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରସଂସଦ ସଭାପତି ବିବେକାନନ୍ଦ ଜେନା ଅଧ୍ୟକ୍ଷତା କରି କଲେଜରୁ ବିଦାୟ ନେଇଥିବା ଛାତ୍ରୀଛାତ୍ର ଆଗାମୀ ଦିନରେ ସଂସଦରେ ଯୋଗଦେବା ପାଇଁ ନିବେଦନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ପୁରାତନ ଛାତ୍ର ସଂସଦ କଲେଜର ଏକ ଅବିଚ୍ଛେଦ ଅଙ୍ଗ ସଦୃସ୍ୟ ଏବଂ କଲେଜର ସମୂହ ବିକାଶରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସାମ୍ବାଦିକ, ରାଜନୈତିକ ସମୀକ୍ଷକ ତଥା ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଜି ତ୍ରୈଲୋକ୍ୟ ନାଥ ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ ଅତିଥି ଭାବେ ଯୋଗଦେଇ ପୁରାତନ ଛାତ୍ରସଂସଦର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଛାତ୍ରସଂସଦ ସଂପାଦକ କେଶବ ଚରଣ ସାହୁ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ରବିନ୍ଦ୍ର କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଚାରାରୋପଣ, କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଝୁଲେନ୍ଦ୍ର ନାୟକ, ରେଣୁବାଳା ସ୍ୱାଇଁ, କବିତା ମାନଧାତା, ଅମୀତା ଦାସ, କ୍ଷିରୋଦ ଚନ୍ଦ୍ର ବେହେରା, ବିଭୁତି ଭୁଷଣ ସାହୁ, ଅଞ୍ଜନ ଜେନାଙ୍କ ସମେତ ଛାତ୍ରସଂସଦ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ଭୁବନେଶ୍ୱର : ନନ୍ଦୋତ୍ସବ ପାଳନ ଅବସରରେ ସହିଦ ନଗର ସ୍ଥିତ ଜୟଦେବ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ସଭାରେ ଡ. ଅଜିତ କୁମାର ତ୍ରିପାଠୀଙ୍କ ଲିଖିତ ପୁସ୍ତକ 'ଭାରତୀୟ ସଂସ୍କୃତିରେ ମାନବ ଧର୍ମ ଓ ରାଜଧର୍ମ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି (ବାମରୁ) ବିଧାୟକ ଅନନ୍ତ ନାରାୟଣ ଜେନା, ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ଡ. ଅଜିତ କୁମାର ତ୍ରିପାଠୀ, ଡ. ପ୍ରଫୁଲ୍ଲ ମିଶ୍ର, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପଞ୍ଚାନନ କାନୁନଗୋ, ଅରବିନ୍ଦ ଡାଲି ଓ ପ୍ରଦ୍ୟୁମ୍ନ କୁମାର ଶତପଥୀ । (ଫଟୋ : ସମ୍ବାଦ କଳିକା)

# ନୌବାଣିଜ୍ୟ ସଂଗ୍ରହାଳୟରେ ନବୀକରଣ ଇଣ୍ଡୋନେସିଆନ୍ ଗ୍ୟାଲେରୀ ଉଦ୍‌ଘାଟିତ

**ଭୁବନେଶ୍ୱର,୧୬/୦୮ ନ୍ୟୁଜ ବ୍ୟୁରୋ**

ଭାରତରେ ଇଣ୍ଡୋନେସିଆ ଗଣତନ୍ତ୍ରର ରାଷ୍ଟ୍ରଦୂତ ଇନା ହାଗ୍ନିନିଙ୍ଗତିୟାସ କୃଷ୍ଣମୂର୍ତ୍ତି ଏବଂ ଓଡିଶା ରାଜ୍ୟ ଉନ୍ନୟନ କମିଶନରତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନୁଗର୍ଗ କଟକ ମହାନଦୀ ତଟ ଯୋବ୍ରା ସ୍ଥିତ ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ ଠାରେ ନବୀକରଣ କରାଯାଇଥିବା ଇଣ୍ଡୋନେସିଆନ୍ ଗ୍ୟାଲେରୀକୁ ଗତ ଗୁରୁବାର ଉଦଘାଟନ କରିଛନ୍ତି । ପୁନଃସଜ୍ଜିତ ଏହି ଗ୍ୟାଲେରୀରେ ଓଡିଶା ଓ ଇଣ୍ଡୋନେସିଆ ମଧ୍ୟରେ ସମୁଦ୍ର ପଥରେ ବର୍ଷ ବର୍ଷ ଧରି ପ୍ରାଚୀନ ନୌବାଣିଜ୍ୟିକ ଯାତ୍ରା ଏବଂ ସାଂସ୍କୃତିକ ସଂପର୍କକୁଉପସ୍ଥାପିତ କରାଯାଇଛି ଯେଉଁଥିରେ କି ବହୁ ମୂଲ୍ୟବାନ ଆବିଷ୍କାରଗୁଡିକୁ ସ୍ଥାନିତ ହୋଇଛି । ଏହି ଗ୍ୟାଲେରୀକୁ ଅଧିକ ବିକଶିତ କରାଯାଇ ଏଥିରେ ଉତମ ଆଲୋକ ବ୍ୟବସ୍ଥା,ଉନ୍ନତ ସୂଚକ(ସାଇନେଜ) ସହ ଆକର୍ଷଣୀୟ କଳାକୃତି ସହିତ ସଂରକ୍ଷଣ ବ୍ୟବସ୍ଥା ଆଦିରେ ଅଧିକ ଉନ୍ନତିଅଣାଯାଇଛି । ଏହି ପରିଦର୍ଶନ ସମୟରେ ଇଣ୍ଡୋନେସିଆର ମହାମହିମରାଷ୍ଟ୍ରଦୂତ ଓଡ଼ିଶାରେ ତାଙ୍କୁ ମିଳିଥିବା ସମ୍ମାନ ପ୍ରତି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ନବୀକୃତ ଇଣ୍ଡୋନେସିଆ ଗ୍ୟାଲେରୀ ଓଡ଼ିଶା ଏବଂ ଇଣ୍ଡୋନେସିଆ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଓଡ଼ିଶାର ସମୃଦ୍ଧ ଇତିହାସକୁ ଉଜ୍ଜୀବିତ କରିଛି ବୋଲି କହିଥିଲେ। ଓଡ଼ିଶା ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ, ଇଣ୍ଡୋନେସିଆ ଦୂତାବାସ ତରଫରୁ ନିରନ୍ତର ସମର୍ଥନ ପାଇଁ ପ୍ରଶଂସା କରିବା ସହିତ ଏହି ସହଯୋଗ ଓଡ଼ିଶା ଏବଂ ଇଣ୍ଡୋନେସିଆର ସାଂସ୍କୃତିକ ସଂପର୍କକୁ ସୁଦୃଢ଼ କରିଛି ବୋଲି ପ୍ରକାଶ କରିଥିଲେ। ଇଣ୍ଡୋନେସିଆ ଏବଂ ଅନ୍ୟ ଏସିଆନ୍ ଦେଶମାନଙ୍କ ସହିତ ଏଭଳି ସହଯୋଗୀ ପ୍ରୟାସରେ ମ୍ୟୁଜିୟମର ଅଧିକ ଉନ୍ନୟନମୂଳକ କାର୍ଯ୍ୟ ଓ ଆଧୁନିକୀକରଣ କରାଗଲେ ସଂଗ୍ରହାଳୟକୁ ଆସୁଥିବା ଦର୍ଶକମାନଙ୍କର ଅଭିଜ୍ଞତା ବୃଦ୍ଧି ପାଇବ ବୋଲି ଉନ୍ନୟନ ଆୟୁକ୍ତ ଆଶାବ୍ୟକ୍ତ କରିଛନ୍ତି।

# ଖୋର୍ଦ୍ଧା ରୋଡ୍ ରେଳ ରେଳମଣ୍ଡଳରେ ସ୍ୱାଧୀନତା ଦିବସ ପାଳନ

**ଭୁବନେଶ୍ୱର,୧୬ /୦୮ ନ୍ୟୁଜ ବ୍ୟୁରୋ**

୭୯ତମ ସ୍ୱାଧୀନତା ଦିବସ ଅବସରରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ପ୍ରବନ୍ଧକ ଅଲୋକ ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରି ରେଳ ସୁରକ୍ଷା ବଳ, ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ, ସିଭିଲ୍ ଡିଫେନ୍ସ କର୍ମଚାରୀ ଓ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ପ୍ରଦର୍ଶିତ ଆକର୍ଷଣୀୟ ପରେଡ୍‌କୁ ନିରୀକ୍ଷଣ କରିଥିଲେ। ପରେଡ୍ ସମୟରେ ଶ୍ରୀ ତ୍ରିପାଠୀ ସାଲ୍ୟୁଟ ପ୍ରଦାନ କରିଥିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶପ୍ରେମ ଓ ଏକତାର ଜ୍ୱଳନ୍ତ ଦୃଶ୍ୟ ପ୍ରକାଶିତ ହୋଇଥିଲା।

# ୧୨ ନୂଆ ଏନଏସି ପାଇଁ ଡ୍ରାଫ୍ଟ ନୋଟିସ୍

**ଭୁବନେଶ୍ୱର,୧୬।୮ ନ୍ୟୁଜ ବ୍ୟୁରୋ**

ରାଜ୍ୟର ୭ ଜିଲ୍ଲାରେ ୧୨ ନୂଆ ଏନଏସି ପାଇଁ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଛି । ଅନୁଗୁଳ, ସୁବର୍ଣ୍ଣପୁର, ବାଲେଶ୍ୱର, ମୟୂରଭଞ୍ଜ, ରାୟଗଡା, ସମ୍ବଲପୁର, ଭଦ୍ରକ ଜିଲ୍ଲାରେ ଏନଏସି ପାଇଁ ଶନିବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନୁଗୁଳ ଜିଲ୍ଲାର ପାଲଲହଡା, ସୁବର୍ଣ୍ଣପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା , ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡା, ରାୟଗଡା ଜିଲ୍ଲାର ବିଷମ କଟକ, ସମ୍ବଲପୁରର ବାମରା ଓ ରେଙ୍ଗାଳୀ, ଭଦ୍ରକର ତିହିଡି ଓ ଧୁଷୁରିକୁ ଏନଏସି ଘୋଷଣା ପାଇଁ ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଛି।

## 'ଓଡ଼ିଶା ଭାସ୍କର' ପକ୍ଷରୁ ଆୟୋଜିତ 'ମା' ତୁଝେ ସଲାମ' କାର୍ଯ୍ୟକ୍ରମରେ ଅତିଥିମାନଙ୍କ ମତପ୍ରକାଶ

# ସହିଦଙ୍କ ବଳିଦାନ ଅବିସ୍ମରଣୀୟ

**ଭୁବନେଶ୍ୱର, ୧୬/୮ ନ୍ୟୁଜ ବ୍ୟୁରୋ**

ସହିଦଙ୍କ ବଳିଦାନ ଅବିସ୍ମରଣୀୟ । ସେମାନଙ୍କ ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟବୋଧତା ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ଦେଶ ମାତୃକାର ସେବା ପାଇଁ ସେମାନଙ୍କ ଜୀବନ ଉତ୍ସର୍ଗୀକୃତ । ଆଜିର ଯୁବପିଢ଼ି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶ ସେବାରେ ନିଜକୁ ସାମିଲ କରିବା ନିମନ୍ତେ ଆଗେଇ ଆସିବା ଜରୁରି ବୋଲି ସ୍ୱାଧୀନତା ଦିବସ ପାଳନ ଅବସରରେ ଦୈନିକ ସମ୍ବାଦପତ୍ର 'ଓଡ଼ିଶା ଭାସ୍କର' ପକ୍ଷରୁ ସ୍ଥାନୀୟ ହୋଟେଲ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ 'ମା' ତୁଝେ ସଲାମ'ରେ ଯୋଗ ଦେଇ ବିଶିଷ୍ଟ ଅତିଥିମାନେ ମତ ରଖିଛନ୍ତି। ଆୟୋଜିତ ସମାରୋହରେ ଅତିଥ୍ୟ ଭାବେ ଯୋଗ ଦେଇ ଓଡ଼ିଶା ଏନ୍‌ସିସିର ନିର୍ଦ୍ଦେଶକ କର୍ଣ୍ଣେଲ ପିୟୁଷ ଭରଦ୍ୱାଜ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ସ୍ୱାଧୀନତା ଦିବସରେ ଆମେ କେବଳ ସହିଦଙ୍କୁ ସ୍ମରଣ କଲେ କିମ୍ବା ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଚଳିବ ନାହିଁ, ସେମାନଙ୍କର ଦେଶପ୍ରତି ଥିବା ଅବଦାନକୁ ଅନୁସରଣ କରି ଦେଶ ସେବାରେ ନିଜକୁ ବ୍ରତୀ କଲେ ତାହା ସହିଦମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ସିସିର ନଂ-୧ ଏୟାର




ସ୍କାଡ୍ରନ୍ କମାଣ୍ଡିଂ ଅଫିସର ଗ୍ରୁପ୍ କ୍ୟାପଟେନ୍ ପୁନିତ ଚିଲ୍ଲାର ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆମର ପୂର୍ବପୁରୁଷଙ୍କ ପାଇଁ ଆମେ ସ୍ୱାଧୀନତା ହାସଲ କରିବାରେ ସମର୍ଥ ହୋଇପାରିଛୁ। ଦେଶ ସେବାରେ ନିୟୋଜିତ ଯବାନମାନେ ଆମର ସେହି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଅହରହ ପ୍ରୟାସ ଜାରି ରଖିଛନ୍ତି। ସହିଦ ପରିବାରଙ୍କୁ ସମ୍ମାନିତ କରିବା ପାଇଁ 'ଓଡ଼ିଶା ଭାସ୍କର' ପରିବାର ଯେଉଁ ପଦକ୍ଷେପ ଗ୍ରହଣ କରିଛି ତାହା ବେଶ୍ ପ୍ରଶଂସା ଯୋଗ୍ୟ ବୋଲି ଶ୍ରୀ ଚିଲ୍ଲାର କହିଥିଲେ। ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିଅନର କମାଣ୍ଡିଂ ଅଫିସର କର୍ଣ୍ଣେଲ ରୋହିତ କୁମାର ସିଂ ତାଙ୍କ ଅଭିଭାଷଣରେ କହିଥିଲେ ଯେ, 'ମା ତୁଝେ ସଲାମ ପରି କାର୍ଯ୍ୟକ୍ରମ ଆମ ମନରେ ଶିହରଣ ସୃଷ୍ଟି କରେ ଯେ, ଦେଶ ଆମ ସହ ପ୍ରତି ମୁହୂର୍ତ୍ତରେ ଯୋଡି ହୋଇରହିଛି । ଆଜି ମୁଁ ମୋର ବାଟାଲିଅନର ତିନି ଜଣ ସହିଦ ପରିବାରକୁ ସାକ୍ଷାତ କରିଛି। ଅନ୍ୟତମ ଅତିଥି ଭାବେ ଭାରତୀୟ ତଟରକ୍ଷୀ ବାହିନୀର କମାଣ୍ଡାଣ୍ଟ ସୁନୀଲ ଦତ୍ତ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ, ଆମେ ସହିଦମାନଙ୍କ ଋଣ କେବେ ସୁଝି ପାରିବା ନାହିଁ କି ସେମାନଙ୍କ ଅବଦାନକୁ କେବେ ଭୁଲିପାରିବା ନାହିଁ। ଏ କ୍ଷେତ୍ରରେ 'ଓଡ଼ିଶା ଭାସ୍କର'ର ପ୍ରୟାସ କେବେ ବି ବ୍ୟର୍ଥ ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଷ୍ଟେଟ୍ ସଶସ୍ତ୍ର ପୋଲିସବାହିନୀର ମହାନିରୀକ୍ଷକ (ଆଇଜି) ଅବିନାଶ କୁମାର ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, 'ଓଡ଼ିଶା ଭାସ୍କର'ର ଏହି କାର୍ଯ୍ୟକ୍ରମ ସହିଦମାନଙ୍କୁ ସବୁଦିନ ମନେ ରଖିବାର ପ୍ରକୃଷ୍ଟ ମାଧ୍ୟମ। ସିଆରପିଏଫ୍ ଓଡ଼ିଶା ସେକ୍ଟରର ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ, ଦେଶପ୍ରତି ପ୍ରତ୍ୟେକ ନାଗରିକଙ୍କର ପ୍ରେମ ଭାବ ରହିବା ଜରୁରି। ଅନ୍ୟତମ ଅତିଥିଭାବେ ଓଡ଼ିଶା ସ୍ୱତନ୍ତ୍ର ଅପରେସନ ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି ତାଙ୍କ ଉଦ୍‌ବୋଧନରେ କହିଥିଲେ, ଆଜିର ଦିନ ହେଉଛି ସହିଦମାନଙ୍କୁ ସ୍ମରଣ କରିବାର ଦିନ। ଏ କ୍ଷେତ୍ରରେ 'ଓଡ଼ିଶା ଭାସ୍କର' ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ କରାଯାଉଛି ସେଥିପାଇଁ ସେ ଗର୍ବ ଅନୁଭବ କରୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଡେପୁଟି ନାଭାଲ ଅଫିସର ଇନ୍‌ଚାର୍ଜ ତଥା ଆଇଏନ୍ଏସ୍ ଚିଲିକାର ବରିଷ୍ଠ ନୌସେନା ଅଧିକାରୀ କମାଣ୍ଡର ବୈଭବ ବିଜୟ କାର୍ଲିସକର ସହିଦଙ୍କ ବଳିଦାନ ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ। 'ଓଡ଼ିଶା ଭାସ୍କର'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସହିଦ ପରିବାରର ୨୦୦ରୁ ଉର୍ଦ୍ଧ୍ୱ ପିଲାଙ୍କ ପାଠପଢ଼ା ଦାୟିତ୍ୱ 'ଓଡ଼ିଶା ଭାସ୍କର' ପରିବାର ଗ୍ରହଣ କରିଛି । କେଜି ଠାରୁ ପିଜି ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି। 'ମା ତୁଝେ ସଲାମ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ସହିଦ ପରିବାର ସହ ଛିଡା ହେବାର ଏକ ମାଧ୍ୟମ। ଟିକେ ଡିଜିଟାଲର ପ୍ରତିଷ୍ଠାତା ତିଲକରାଜ ମହାନ୍ତି ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ୨୦୦୪ରୁ 'ଓଡ଼ିଶା ଭାସ୍କର' ତା'ର ଯାତ୍ରା ଆରମ୍ଭ କରିଥିବାବେଳେ 'ମା ତୁଝେ ସଲାମ' କାର୍ଯ୍ୟକ୍ରମ ମାଧ୍ୟମରେ ସହିଦଙ୍କ ଅବଦାନ ଏବଂ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଗଠନରେ ସେତୁ ଭଳି କାର୍ଯ୍ୟ କରୁଛି । ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି ଏହି କାର୍ଯ୍ୟକ୍ରମକୁ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହିଦ ସ୍ୱରାଜ ସାହୁ, ଈଶ୍ୱର ତଲିଆ, ରାଜକିଶୋର ମୁଣ୍ଡା, ମୁନ୍ନା କୁମାର ସିଂ, ଜୟରାମ କବାସୀ, ପ୍ରତାପ ନିଆଲ, ରମେଶ ଚନ୍ଦ୍ର ପାତ୍ର, ବାଲାଜୀ ମଙ୍ଗରାଜ, ନରହରି ମହନ୍ତ ଓ ଭୋଗୀ ମଣ୍ଡଳଙ୍କ ପରିବାରକୁ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ସମାଜ ପ୍ରତି ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ସମାଜସେବୀ ତଥା କେସିସିଏଲର ଅର୍ଚ୍ଚନା ସାମଲ ଏବଂ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। 'ଓଡ଼ିଶା ଭାସ୍କର'ର ସିଇଓ ତଥା ସଂପାଦକ କୌସ୍ତୁଭ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।